

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୩ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 SEPTEMBER 2023
Vol.No. 34 ■ No. 250■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହିଳା ସଂରକ୍ଷଣ ବିଲ ପାସରେ ଉତ୍ସବ ମୁଖର ବିଜେପି ଶିବିର

### ନାଚ, ଗୀତ, ମିଠା ଓ ଫୁଲବର୍ଷାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ, ୨୨/୦୯ ଉଭୟ ରାଜ୍ୟସଭା ଓ ଲୋକସଭାରେ ମହିଳା ସଂରକ୍ଷଣ ବିଲ ପାରିତ ହେବା ପରେ ମହିଳାମାନେ ଏହାକୁ ସ୍ୱାଗତ କରିଛନ୍ତି । ହାତରେ ଫୁଲ ଓ ମିଠା ଡବା ଧରି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଛନ୍ତି ମହିଳା ସାଂସଦ । ନାରୀଶକ୍ତି ବନ୍ଦନ ଅଧିନିୟମ ବିଲ ନୂଆ ସଂସଦଭବନ ଉତ୍ସବ ମୁଖର ହୋଇପଡିଥିଲା । ସେପଟେ ବିଜେପି ମୁଖ୍ୟାଳୟରେ ମଧ ସମର୍ଥକ, ପ୍ରଶଂସକ ଓ କର୍ମୀଙ୍କ ମଧ୍ୟରେ ନାହିଁନଥିବା ଖୁସି ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ମୋଦୀ ଆସିବା ମାତ୍ରକେ ମହିଳା ସମର୍ଥକ, କର୍ମୀ, ନେତ୍ରୀ ଓ ପ୍ରଶଂସକ ତାଙ୍କ ଉପରେ ଫୁଲ ବର୍ଷା କରିଥିଲେ । କିଏ ନୃତ୍ୟୁ କରିତ ପୁଣି କିଏ ବାଜା ବଜାଇ ଖୁସି ପ୍ରକାଶ କରିଥିଲେ । ମୋଦୀ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇଛନ୍ତି । ଗୋଟେ ପଟେ ମହିଳା ବିଲ ପାରିତକୁ ଖୁସିର ଲହରୀ ଖେଳିଥିବା ଅନ୍ୟପଟେ ବିଜେପି ଓ କଂଗ୍ରେସ ମଧ୍ୟରେ କଥାକଟାକଟି ମଧ ଜୋର ଧରିଛି । ବିଲକୁ ନେଇ ମୋଦୀ ସରକାର କହିଛନ୍ତି ଏହି ବିଲ ଏକ ଐତିହାସିକ ବିଲ ଅଟେ । ଏହି ନିଷ୍ପତି ଆଗାମୀ ପୀଢୀକୁ ଅଧିକ ସଶକ୍ତ କରିବ । ଗତ କିଛି ଦଶନ୍ଧିର ଅପେକ୍ଷା, ଏବଂ ସ୍ୱପ୍ନ ବର୍ତମାନ ପୂରଣ ହୋଇଛି । ସେପଟେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି ସରକାର ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛନ୍ତି । ଯଦି ବିଲ ପାରିତ ହୋଇ ସାରିଛି ତେବେ ଏହାକୁ ତୁରନ୍ତ ଲାଗୁ କରିବା ଉଚିତ । ଏଥିସହ ରାହୁଲ କହିଛନ୍ତି ଜନଗଣନା କାରଣ ଦର୍ଶାଇ ବିଲ ଲାଗୁ ନକରିବା ଏକ ରାଜନୈତିକ ରଣନୀତି । ଜାତିଗଣନାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ମୋଦୀ ସରକାର ଏହି ବିଲ ଆଣିଛନ୍ତି । ଓବିସି ମହିଳାଙ୍କ ପାଇଁ ବିଲରେ କଣ ପାଇଁ ସ୍ଥାନ ନଥିବା ସେ ପ୍ରଶ୍ନ ଉଠାଇଛନ୍ତି ।

## ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ରଣହୁଙ୍କାର

ଭୁବନେଶ୍ୱର, ୨୨/୦୯ (ନି.ପ୍ର):ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାର ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ଛୋଟ ପିଲାଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି । କିନ୍ତୁ ସେହି ଅଂଗନୱାଡି କର୍ମୀ ଓ ସହାୟିକାଙ୍କ ଦରମା ଦିନ ମଜୁରିଆଙ୍କଠାରୁ ବି କମ୍ । ଯାହାକୁ ନେଇ ଆଜି ଭୁବନେଶ୍ୱରରେ ବିଶାଳ ସମାବେଶ କରି ରଣହୁଙ୍କାର ଦେଇଛନ୍ତି ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ । ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ସତର୍କ କରିଦେଇଛି ସଂଘ । ଦାବି ପୂରଣ ପାଇଁ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଏମିତି ଗର୍ଜିଛନ୍ତି ଅଙ୍ଗନୱାଡ଼ି କର୍ମୀ । ▶▶ପୃଷ୍ଠା ୭



## ବିଧାନସଭାରେ ୨୮,୨୦୦କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ



ଭୁବନେଶ୍ୱର,୨୨/୦୯: ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ବିଧାନସଭାରେ ୨୮,୨୦୦କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର ମୂଳ ବଜେଟ ୨.୩୦ଲକ୍ଷ କୋଟି ଟଙ୍କା ଥିବାବେଳେ ୨୮୨୦୦କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟବସ୍ଥା ହୋଇଛି । ଏହାସହିତ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଆକାର ୨ଲକ୍ଷ ୫୮ହଜାର ୨୦୦କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିଧାନସଭାର ମୌସୁମୀ ଅଧିବେଶନ ଆଜିଠୁ ଆରମ୍ଭ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ଅତିରିକ୍ତ ବଜେଟ ଆଗତ କରିଥିଲେ। ଏହି ଅତିରିକ୍ତ ବଜେଟରେ ୨୮୬୪କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ,୨୦,୧୦୦କୋଟି ଟଙ୍କା କାର୍ଯ୍ୟକ୍ରମ ଖର୍ଚ୍ଚବାବଦରେ ଆବଂଟିତ ହୋଇଥିବାବେଳେ ୪୬୬୪କୋଟି ଟଙ୍କା ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଓ ୫୭୨କୋଟି ଟଙ୍କା ରାଜ୍ୟ ବଜେଟ୍ ରୁ ସ୍ଥାନାନ୍ତର ପାଇଁ ରହିଛି। ଅତିରିକ୍ତ ବଜେଟରେ ସର୍ବାଧିକ ୪୦୮୩କୋଟି ଟଙ୍କା ପଂଚାୟତିରାଜ ବିଭାଗ ପାଇଁ ବ୍ୟୟବରାଦ ହୋଇଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ୨୮୮୧.୮୪କୋଟି ଟଙ୍କା, ଜଳସମ୍ପଦ ବିଭାଗକୁ ୨୪୦୬.୬୫କୋଟି ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ୧୩୫୫କୋଟି ଟଙ୍କା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୧୩୨୭କୋଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ ୧୦୮୭.୮୦କୋଟି ଟଙ୍କା, ଉଚ୍ଚଶିକ୍ଷା ପାଇଁ ୮୪୧.୫୫କୋଟି, ଗ୍ରାମ୍ୟ ଉନ୍ନୟନ ୮୯୭କୋଟି ଟଙ୍କା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପାଇଁ ୭୮୭କୋଟି ଟଙ୍କା, ପରିବହନ ବିଭାଗ ୭୪୮ କୋଟି, ଓ ମିଶନ ଶକ୍ତି ବିଭାଗ ପାଇଁ ୭୮୩କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି । ବଜେଟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ୧୩୦୨କୋଟି ଟଙ୍କା, ଲକ୍ଷ୍ମୀ ଯୋଜନାରେ ୫୫୬କୋଟି, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ପାଇଁ ୧୧୦କୋଟି, ଓଡ଼ିଶା ମେଟ୍ରୋ ରେଳ ପରିବହନ ପାଇଁ ୨୧୦କୋଟି,ସହରୀ ଭିତିଭୂମି ବିକାଶ ପାଣ୍ଠି ପାଇଁ ୧୦୦ କୋଟି ଟଙ୍କା, ବ୍ଲକସ୍ତରରେ ବସଷ୍ଟାଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୧୪କୋଟି, ପଂଚାୟତିରାଜ ସଂସ୍ଥା ମାଧ୍ୟମରେ ସ୍କୁଲଗୁଡ଼ିକର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୫୩କୋଟି ଟଙ୍କା, ପଂଚାୟତକୁ ଆଇଟି ସଂଯୋଗୀକରଣ ପାଇଁ ୨୫୨କୋଟି ଟଙ୍କା, ଲିଙ୍ଗଭିତିକ ହିଂସା ପୀଡ଼ିତା ମହିଳାଙ୍କ ସୁରକ୍ଷା ଓ ସଶକ୍ତିକରଣ ପାଇଁ ୩୮କୋଟି ଟଙ୍କା, ▶▶ପୃଷ୍ଠା ୭




# ଜାତୀୟ ସ୍ତରର ସେମିନାର ଅନୁଷ୍ଠିତ

ଜୟପୁର,୨୨/୯(ନି.ପ୍ର): ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ ତଥା ସମ୍ପାଦକଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟ ସେମିନାର ଆଜାଦି କା ଅମୃତ ମହୋତ୍ସବ ଅବସରରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ର ସମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆନୁକୁଲ୍ୟରେ 'ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ ତଥା ସମ୍ପାଦକଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟ ସେମିନାର ଗତ କାଲି ୨୦ ସେପଟ୍ମେର ୨୦୨୩ ରେ କୋଲକାତାସ୍ଥିତ ନ୍ୟାସନାଲ ଲାଇବ୍ରେରୀରେ ଆୟୋଜିତ ହୋଇଯାଇଛି । ସହକାରୀ ପ୍ରଫେସର ଠିକଣା ଉପସ୍ଥାପନ କରିଥିଲେ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଉଚ୍ଚ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ସାମ୍ବାଦିକତାର ଭୂମିକା ପ୍ରତିଷ୍ଠା ପାଇଁ ଏକ ସେମିନାଲ ପୁସ୍ତକ ପ୍ରକାଶନ ଉପରେ ଆଲୋଚନା କରିବା ସେମିନାରର ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସେମିନାରର ଉଦଘାଟନ କରି କହିଥିଲେ ଯେ ଖବରକାଗଜ ସମ୍ପାଦକମାନେ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢେଇ କରିଥିଲେ ଏବଂ ସେମାନଙ୍କୁ ଜେଲ ଓ ଅନେକ କଠୋର ବ୍ୟବହାର କରାଯାଇଥିଲା। ସ୍ୱାଧୀନତା ହାସଲ କରିବାକୁ ଜାତୀୟ ଇଚ୍ଛାର ଅଭିବ୍ୟକ୍ତି ତଥା ବ୍ରିଟିଶ ଶାସନ ବିରୁଦ୍ଧରେ ବିରୋଧର ସ୍ୱର ଉତୋଳନ ପାଇଁ ସେମାନେ ଏକ ଖବରକାଗଜ ବ୍ୟବହାର କରୁଥିଲେ। ସେ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକ ଭାରତର ବିଭିନ୍ନ ପ୍ରାନ୍ତରୁ ଖବରକାଗଜ ଏବଂ ସମ୍ପାଦକଙ୍କ ଭୂମିକା ପ୍ରତିଷ୍ଠା କରିବ ଏବଂ ସ୍ୱାଧୀନତା ଆନ୍ଦୋଳନରେ ମିଳିତ ସାମ୍ବାଦିକତାର ଏକ ଜାତୀୟ ମଂଚ ଉପସ୍ଥାପନ କରିବ। ପ୍ରଫେସର ତ୍ରିପାଠୀ ଘୋଷଣା କରିଥିଲେ ଯେ ଏହି ପୁସ୍ତକ ଡ ପ୍ରଣବ କୁମାର ସାହା ଏବଂ ବିଶିଷ୍ଟ ଗବେଷକ ରିତତ୍ୱିକ୍ କୁମାର ମଲ୍ଲିକଙ୍କ ଦ୍ୱାରା ସମ୍ପାଦିତ ହେବ। ସେମିନାରର ମୁଖ୍ୟ ଅତିଥି ଭାବରେ ନ୍ୟାସନାଲ ଲାଇବ୍ରେରୀ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଡକ୍ଟର ଅଜୟ ପ୍ରତାପ ସିଂ ଯୋଗ ଦେଇଥିଲେ। ଅମୃତ କାଳରେ ଜାତୀୟ ଆନ୍ଦୋଳନରେ ଗଣମାଧମର ଭୂମିକାକୁ ଆଲୋକିତ କରିବା ପାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉଦ୍ୟମକୁ ଡ ସିଂ ପ୍ରଶଂସା କରିଥିଲେ । ପରବର୍ତୀ ଏକାଡେମିକ୍ ସହଯୋଗ ପାଇଁ ଡ ସିଂ ବିଶ୍ୱବିଦ୍ୟାଳୟକୁ ଆମନ୍ତ୍ରଣ କରିଥିଲେ । ଏହି ସେମିନାରରେ ଓଡିଶା, ପଶ୍ଚିମବଙ୍ଗ, ବିହାର, ଆସାମ, ରାଜସ୍ଥାନ, ନୂଆଦିଲ୍ଲୀ, ଉତରପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, ଜାମ୍ମୁ କାଶ୍ମୀରର ବିଶିଷ୍ଟ ଏକାଡେମିକ୍, ସାମ୍ବାଦିକ ଏବଂ ଗବେଷକ ମାନେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ବିହାର ଜନସେବା ଆୟୋଗର ପ୍ରଫେସର ଅରୁଣ ଭାଗବତ, ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଉପିଏ କୁଳପତି ପ୍ରଫେସର ଆର ରାଜୁ, ଏକ୍ସ-ପ୍ରୋ ଭିସି, ଗଏକଠ, ବାରାଣସୀର ପିଏମଏମ ପତ୍ରକାରିତା ସଂସ୍ଥାନ ର ପୂର୍ବତନ ନିର୍ଦ୍ଦେଶକ, ପ୍ରଫେସର ଓ ପି ସିଂହ, ମୌଲାନା ଆଜାଦ ଇନଷ୍ଟିଚ୍ୟୁଟ୍ ଫର ଏସିଆନ୍ ଷ୍ଟଡିଜ୍ ର ନିର୍ଦ୍ଦେଶକ ଡକ୍ଟର ସରୁପ ପ୍ରସାଦ ଘୋଷ, ଜାମ୍ମୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡକ୍ଟର ବଚା ବାବୁ, ବିଶିଷ୍ଟ ସାମ୍ବାଦିକ ଶ୍ରୀ ଇନ୍ଦ୍ରଜିତ୍ ଚୌଧୁରୀ, ସେଣ୍ଟ ଜାଭିୟର କଲେଜ କୋଲକାତାର ଅଧ୍ୟାପିକା ଡକ୍ଟର ଅରୁନ୍ଧତୀ ଦାସ, ଗୁରୁଗ୍ରାମ ବିଶ୍ୱବିଦ୍ୟାଳୟର ପ୍ରଫେସର ରାକେଶ ଯୋଗୀ, ରାଜସ୍ଥାନର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତାଭ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଂଚଳରେ ଖବରକାଗଜର ଭୂମିକା ବିଷୟରେ ଆଲୋଚନା କରିଥିଲେ । ଡକ୍ଟର ସୌରଭ ଗୁପ୍ତାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରିଜ ତଳକୁ ଖସିଲା କାର, ଅଳ୍ପରେ ବର୍ତ୍ତିଲେ ଯାତ୍ରୀ

ଜୟପୁର,୨୨/୯(ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ବ୍ରିଜ ତଳକୁ ଖସିଲା କାର । ଭାରସ୍ୟାମ ରକ୍ଷା କରି ନପାରି ଓଲଟିଲା କାର । କାରଟି ଦ୍ରୁତଗତିରେ ଯାଉଥିବା ବେଳେ ବ୍ରିଜ ତଳକୁ ଖସିପଡ଼ିଥିଲା । ସ୍ଥାନୀୟ ଲୋକେ କାରରେ ବସିଥିବା ଯାତ୍ରୀଙ୍କୁ କାର ଭିତରୁ ଉଦ୍ଧାର କରିଥିଲେ । କାରଟି କେନାଲରେ ଭାସୁଥିବା ଜଣାଯାଇଛି । କାହାର କିଛି କ୍ଷତି ହୋଇନଥିବା ବେଳେ ବଡ ଧରଣର ଦୁର୍ଘଟଣାରୁ ଜୀବନ ବର୍ତି ଯାଇଥିବା ଜଣାଯାଇଛି । ପୋଲିସ କ୍ରେନ ଯୋଗେ କାରକୁ ଉଦ୍ଧାର କରିଥିଲା । କାରରେ ୫ ଜଣ ଥିବା ବେଳେ ନୁଆପଡାରୁ ଦେଓମାଳି ପିକନିକ ଯାଉଥିବା ବେଳେ ଏପରି ଘଟଣା ଘଟିଛି ।

## ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସମୂହ ଛୁଟିରେ

ଗଞ୍ଜାମ,୨୨/୯(ନି.ପ୍ର): ୪ ଦଫା ଦାବି ନେଇ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ଡାକରାରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର ସଦସ୍ୟ ମାନେ ଆଜି ଠାରୁ ସମୂହ ଛୁଟିରେ ଅଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି । ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀଙ୍କୁ ଗତ ୨୦୧୬ ଜାନୁଆରୀ ପହିଲାରୁ ସପ୍ତମ ବେତନ କମିଶନଙ୍କ ବକେୟା ଅର୍ଥ ପ୍ରଦାନ, ୨୦୧୪ ସେପ୍ଟେମ୍ବର ପହିଲା ପରେ କାର୍ଯ୍ୟରେ ଯୋଗ ଦେଇଥିବା କର୍ମଚାରୀଙ୍କ ପାଇଁ ପେନସନ୍ କର୍ପସ ଫଣ୍ଡ ଗଠନ, କ୍ୟାଡର ଫଣ୍ଡ କୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶଧନ ପ୍ରଦାନ ଉପରେ ପୁର୍ନବିଚାର କରିବା, ପ୍ରାଥମିକ ସେବା ସମବାୟ ସମିତି ମାନଙ୍କର ଫ୍ଲେକ୍ସି ଆକାଉଂଟ ରାଜ୍ୟ ସମବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର ଆଦି ଦାବି ନେଇ ସଂଘ ପକ୍ଷରୁ ବହୁବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସଂଘର କର୍ମକର୍ତା ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

## ପତ୍ନୀ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

କେନ୍ଦ୍ରାପଡ଼ା, ୨୨ ସେପ୍ଟେମ୍ବର(ହି.ସ.) – ଆଳି ଥାନା ଅଂଚଳରେ ୨୦୧୭ ମସିହାରେ ନିଜ ପତ୍ନୀକୁ ହତ୍ୟା କରିଥିବା ଜଣେ ଅଭିଯୁକ୍ତକୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଜୟ କମାର ପ୍ରଧାନ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଆଳି ଥାନା ଅନ୍ତର୍ଗତ ଅରଗଳ ଗ୍ରାମର ମନୋଜ ଦାସ ୨୦୧୭ ମସିହା ଜୁନ ମାସରେ ଯାଜପୁର ଥାନା ଅନ୍ତର୍ଗତ ବିଚିତ୍ରପୁର ଗ୍ରାମର ଶ୍ରୀଧର ଦାସଙ୍କ କନ୍ୟା କନକଲତାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ନିର୍ଯ୍ୟାତନା ଦେବା ସହ ପତ୍ନୀଙ୍କୁ ମାରି ପୋଡି ଦେଇଥିବାର ଅଭିଯୋଗ ହୋଇଥିଲା । ଏନେଇ ଆଳି ଥାନା କେସ ନଂ-୨୦୧/୧୭ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଦୀର୍ଘ ୬ ବର୍ଷ ଧରି ଜେଲରେ ରହିବା ପରେ ଆସାମୀର ଆର୍ଥିକ ଅବସ୍ଥା ଭଲ ନଥିବାରୁ କେସ ଲଢିବା ପାଇଁ ଓକିଲ ଦେଇ ପାରି ନଥିଲେ । ଜିଲ୍ଲା ଓ ଦୌରାଜଜଙ୍କ ନିର୍ଦ୍ଦେଶ କ୍ରମେ ଏସଡିସି ଭାବରେ ବରିଷ୍ଠ ଆଇନଜୀବି ବିଚିତ୍ର କୁମାର ସାହୁଙ୍କୁ କେସ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଜିଆର କେସ ନଂ-୪୪୯/୧୭ର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ମାନ୍ୟବର ଜଜ ଶ୍ରୀ ପ୍ରଧାନ ଅଭିଯୁକ୍ତ ମନୋଜ ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି ।

# ଧାମରା-ଭଦ୍ରକ ରେଳପଥରେ ରେଳ ଚଳାଚଳ ବନ୍ଦ, ବାଂଶଡା -ଧାମରା ଆଂଚଳିକ ବିକାଶ ମଂଚ ପକ୍ଷରୁ ଗଣଧାରଣା

### ୮ଘଂଟା ପରେ ରେଳ ଚଳାଚଳ ସ୍ୱାଭାବିକ, ପ୍ରତିଶ୍ରୁତି ରେ ଅଟକିଲା ଗଳାପୋଲ

ଭଦ୍ରକ,୨୨/୯(ନି.ପ୍ର): ଏହି ଜିଲାର ଧାମରା ନିକଟସ୍ଥ ବାଂଶଡା ଠାରେ ଏକ ଗଳାପୋଲ ନିର୍ମାଣ କୁ ନେଇ ବାଂଶଡା-ଧାମରା ଆଂଚଳିକ ବିକାଶ ମଂଚ ପକ୍ଷରୁ ଆଜି ଏକ ଗଣାଧାରଣା ଦିଆଯାଇଥିଲା। ଏହି ଗଣଧାରଣା ସକାଳ ୬ଟାରୁ ଆରମ୍ଭ ହୋଇଥିବା ବେଳେ ଏହି ଗଣଧାରଣାରେ ଶତାଧିକ ଅଂଚଳବାସୀ ସାମିଲ ହୋଇଥିଲେ। ଏହି ଗଣଧାରଣାରେ ସାମିଲ ଥିବା ଅଂଚଳବାସୀ ନିଜର ୫ଟି ଦାବୀ ଯଥା ବାଂଶଡା-ବଳିହାରପୁର ଦେଇ କରଞ୍ଜମାଳ ପଂଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ସାଧାରଣ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଏହି ଠାରେ ଏକ ଗଳାପୋଲ / ଅଣ୍ଡର ପାଶିଂ ବ୍ରିଜ ନିର୍ମାଣ କରିବାକୁ ଦାବୀ ହୋଇଥିଲା। ଏଥିସହ ଧାମରା ବନ୍ଦରରେ ଅଂଚଳରରେ ଥିବା ଯୁବକ ଯୁବତୀ ମାନଙ୍କ ପାଇଁ ସ୍ଥାୟୀ କର୍ମନିଯୁକ୍ତିର ଯୋଜନା ପ୍ରସ୍ତୁତି କରିବା, ଆଗରୁ ନିର୍ମାଣ ହୋଇଥିବା ଗଳାପୋଲ ଟିକଟରେ ବହୁ ସମୟରେ ଦୁର୍ଘଟଣା ଘଟୁଥିବାରୁ ସେହି ଠାରେ ଆଲୋକୀକରଣ ବ୍ୟବସ୍ଥା କରିବା ସହ ପୂର୍ବରୁ ନିର୍ମାଣ ହୋଇଥିବା କଲଭର୍ଟ ଅତ୍ୟନ୍ତ ଛୋଟ ହୋଇଥିବା ବେଳେ ସେହି ଠାରେ ସାମାନ୍ୟ ବର୍ଷାରେ ମାଟି ଧୋଇ ହୋଇ ରାସ୍ତା ପୋତି ହୋଇ ଯାଉଥିବାରୁ ସେଠାରେ ପାଣିର ନିଷ୍କାସନ ନିମନ୍ତେ ବ୍ୟବସ୍ଥା କରିବାକୁ ସର୍ବସାଧାରଣରେ ଦାବୀ ହୋଇଥିଲା। ଉପସ୍ଥାପନା କରିଥିବା ବେଳେ ଏହାର ସୁ ସମାଧାନ ନ ହେଲେ ସେମାନେ ରେଳ ଚଳାଚଳ କରିବାକୁ ଦେବେ ନାହିଁ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଆଜିର ଏହି ଗଣଧାରଣା ଆରମ୍ଭ ହେବାର ଦୀର୍ଘ ୬ଘଂଟା ପରେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ,ବାସୁଦେବପୁର ଏସଡିପିଓ ସୌରଭ ଓତା ଏବଂ ବାଂଶଡା-ଧାମରା ଆଂଚଳିକ ବିକାଶ ମଂଚ ପକ୍ଷରୁ ଦିଗମ୍ବର ଦାସ ପ୍ରମୁଖ ଅପେକ୍ଷା କରିଥିବା ବେଳେ ଅପରାହ୍ଣ ରେ ଧାମରା ବନ୍ଦର ପ୍ରଶାସନିକ ଅଧିକାରୀ ପ୍ରମୁଖ ଆସି ବାଂଶଡା ଥାନାରେ ପହଂଚିବା ପରେ ଆଲୋଚନା ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ଧାମରା ବନ୍ଦର କର୍ତୃପକ୍ଷ ଅଂଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଠାରେ ସାଧାରଣ ଜନତା ତଥା ବିଦ୍ୟାଳୟକୁ ଯାତାୟତ କରୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବନ୍ଦର କର୍ତୃପକ୍ଷ ଏଠାରେ ଗଳାପୋଲ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ଧାରଣା ସ୍ଥଳକୁ ଯାଇ ବନ୍ଦର କର୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତିକୁ ଘୋଷଣା କରିବା ସହ ପ୍ରଶାସନ ସବୁ ସମୟରେ ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରିଥାଏ ବୋଲି କହିଥିଲେ ଏବଂ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷଙ୍କୁ ଆରମ୍ଭ ହୋଇଥିବା ଗଣଧାରଣା ବନ୍ଦ କରିବାକୁ ଅନୁରୋଧ କରିଥିଲେ। ପରେ ଗଣଧାରଣାରେ ଉପସ୍ଥିତ ଥିବା ସମସ୍ତ ଜନତା ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଧାରଣା ସ୍ଥଳରୁ ଉଠିଥିଲେ। ଧାରଣା ପ୍ରତ୍ୟାହୃତ ହେବା ପରେ ଧାମରା-ଭଦ୍ରକ ରେଳପଥରେ ଅପରାହ୍ଣ ୨ଟା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଜିର ଏହି ଗଣଧାରଣାରେ ବାଂଶଡା-ଧାମରା ଆଂଚଳିକ ବିକାଶ ମଂଚ ର ସଭାପତି ଅଜୟ କୁମାର ପଲେଇ, ସଂପାଦକ ଜିତେନ୍ଦ୍ର ନାୟକ, ବାଇଧର ରାଉତ, ନବକିଶୋର ସାହୁ, କାଶିନାଥ ପଲେଇ,ରାଜେନ୍ଦ୍ର ପଲେଇ, ହରିହର ବୀର, ଶ୍ରକୃଷ୍ଣ ପଲେଇ, ଆଲୋକ ରାଉତଙ୍କ ସମେତ ବାଂଶଡା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ଗଣଧାରଣାରେ ସାମିଲ ଥିଲେ।ଶାନ୍ତି ଶୃଙ୍ଖଳା ବ୍ୟାହତ ହେବା ଆଶଙ୍କାରେ ବାଂଶଡା ଥାନାଧିକାରୀ ଦେବରାଜ ଜେନା, ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ଙ୍କ ସମେତ ୧ପ୍ଲାଟୁନ ପୁଲିସ ମୁତୟନ ଥିଲେ।

## ବେଗୁନିଆ ବୋଲଗଡ଼ରୁ ୫୦୨ ୟୁନିଟ ରକ୍ତ ସଂଗୃହୀତ

ଖୋର୍ଦ୍ଧା,୨୨/୯(ନି.ପ୍ର): ବେଗୁନିଆ ବ୍ଲକ କୁଞ୍ଜୁରୀ ଗ୍ରାମ ପଂଚାୟତ, ସୀମୋର, ବଡ଼ ବେରେଣକ୍ଷ ଶୀମୋର ଗ୍ରାମ ପଂଚାୟତ ଠାରେ, କଂଟାବାଡ ଗ୍ରାମ ପଂଚାୟତ ରମାମଣି ମହାବିଦ୍ୟାଳୟ ଠାରେ ଏବଂ ବୋଲଗଡ ବ୍ଲକର ପିଚୁକୁଳୀ ଗ୍ରାମ ପଂଚାୟତ କଲ୍ୟାଣୀ ମଣ୍ଡପ, ବଡ଼ କୁମାରୀ ଗ୍ରାମ ପଂଚାୟତ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ଓ ସାନପଦର, ଗୋପାଳପୁର, କଡବ ଗ୍ରାମ ପଂଚାୟତ ଦେଉଳି ମହାବିଦ୍ୟାଳୟ ଠାରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗ୍ରାମ ପଂଚାୟତ ଗୁଡ଼ିକର ର ପ୍ରତିନିଧି, ଯୁବ, ଛାତ୍ର, ମହିଳାମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ ଶିବିର ଗୁଡ଼ିକୁ ଉଦ୍ଘାଟନ କରିଥିବା ବେଳେ ଉପସ୍ଥିତ ଥିଲେ ଶୁଭ୍ରାଂଶୁ ନାରାୟଣ ମିଶ୍ର, ସହ ପର୍ଯ୍ୟବେକ୍ଷକ, ବିଜୁ ଜନତା ଦଳ, ଖୋର୍ଦ୍ଧା ଜିଲ୍ଲା, ବୋଲଗଡ ବ୍ଲକ ର ଅଧକ୍ଷକ୍ଷ ହୁଲାଶ ପ୍ରଧାନ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ବଡ଼ କୁମାରୀ ସରପଂଚ ପ୍ରଫୁଲ୍ଲ କୁମାର ପ୍ରଧାନ, ବିଧାୟକଙ୍କ ବେଗୁନିଆ ପ୍ରତିନିଧି ପ୍ରଶାନ୍ତ ବେହେରା, ୨୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ,୨୫ ନମ୍ବର ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁଭେନ୍ଦ୍ର କୁମାର ସାହୁ, ୨୬ ନମ୍ବର ଜିଲ୍ଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଆମ୍ବା ଅଧକ୍ଷ ଦିପ୍ତିରଞ୍ଜନ ସାହୁ, ପବିତ୍ର ମୋହନ ମାଝି, କୃଷ୍ଣଚନ୍ଦ୍ର ପ୍ରଧାନ ଜ୍ୟୋତିରଞ୍ଜନ ଖଡଙ୍ଗା, ସ୍ୱାଧୀନ ପଣ୍ଡା, ନଳିନୀ ବଡ଼ଜେନା, ହାଡୁବନ୍ଧୁ ମହାପାତ୍ର, ହେମନ୍ତ ସୁନ୍ଦରାୟ ମାନସ ରଞ୍ଜନ ସାମନ୍ତରାୟ, ପରମାନନ୍ଦ ସାହୁ, ସୁକାନ୍ତ କୁମାର ସାହୁ, ନବକିଶୋର ଖୁଂଟିଆ ଗୋପୀନାଥ ଜେନା, କିଶୋର ରଣସିଂହ, ଦିଲ୍ଲୀପ କୁମାର ମହାପାତ୍ର, ପ୍ରଦୀପ ବାରିକ, ବିଜୟ ତକ୍ଷରେଣିଆ, ଗୌତମ ଜେନା, ଅଭିମନ୍ୟୁ ସୁବୁଦ୍ଧି, ଦିଲ୍ଲୀପ ପାଇକରାୟ ଦିବାକର ପଣ୍ଡା, ଅସଫ ଅଲ୍ଲୀ, ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏସସିବି ବ୍ଲଡ଼ ବ୍ୟାଙ୍କ, କଟକ ଦ୍ୱାରା କଂଟାବାଡ଼ ଠାରେ ୧୨୦ ୟୁନିଟ ,ନୟାଗଡ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ପିଚକୁଳୀ ପଂଚାୟତ ରୁ ୪୦ ୟୁନିଟ ଏବଂ କ୍ୟାପିଟାଲ ରେଡକ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା କୁଞ୍ଜୁରି ଠାରୁ ୮୩ ୟୁନିଟ, ସେଂଟ୍ରାଲ ରେଡକ୍ରସ୍, କଟକ ଦ୍ୱାରା ଦେଉଳି ଠାରେ ୧୧୨ ୟୁନିଟ, ଭୁବନେଶ୍ୱର ମୁନିସିପାଲ୍ ବ୍ଲଡ ବ୍ୟାଙ୍କ୍ ଦ୍ୱାରା ଶିମୋର ଠାରେ ୫୫ ୟୁନିଟ, ଭଞ୍ଜନଗର ବ୍ଲଡ଼ ବ୍ୟାଙ୍କ୍ ଦ୍ୱାରା ବଡ଼ କୁମାରୀ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ଠାରେ ୯୨ ୟୁନିଟ ରକ୍ତକୁ ମିଶାଇ ମୋଟ ୫୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିବାବେଳେ ବହୁ ମହିଳା ଓ ଯୁବକ ଏଥିରେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିର ଆୟୋଜନକୁ ସବୁ ମହଲ ରେ ପ୍ରଶଂସା କରାଯାଉଛି। କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଅଭିଷେକ ସିଂ ସାମନ୍ତ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖୁବ୍‌ଶୀଘ୍ର ବୋଲଗଡ଼ ବେଗୁନିଆରେ ବାକିଥିବା ୧୧ଗୋଟି ପଂଚାୟତରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ ଜଣାଇଛନ୍ତି।

# ଡ୍ରାଇଭରକୁ ବାନ୍ଧି ଟ୍ରକ ଲୁଟ ମାମଲାରେ ୧ ଗିରଫ, ୫ ଅଟକ

ଚମ୍ପୁଆ,୨୨/୯(ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥ ନାରଦପୁର ନିକଟରୁ ଚୋରି ହୋଇଥିବା ଏକ ଲୁହାପଥର ଗୁଣ୍ଡ ବୋଝେଇ ୧୦ ଚକିଆ ଟ୍ରକକୁ ଚମ୍ପୁଆ ପୋଲିସ ଉଦ୍ଧାର କରିବା ସହ ଏହି ଘଟଣାରେ ଜଣକୁ ଗିରଫ କରିବା ସହିତ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଦୁଇ ଦିନ ତଳେ କେନ୍ଦୁଝର ଅଂଚଳର ଶୁଭାଶିଷ ମହାନ୍ତଙ୍କ ଦଶ ଚକିଆ ଟ୍ରକ ନଂ ଓଡିଶା ୦୫ ଇଖ ୯୮୭୪ ଶୁଆକାଠି ରୁ ମାଲ୍ ଲୋଡ କରି ଯୋଡ଼ା ଅଭିମୁଖେ ଯାଉଥିବା ବେଳେ ନିଦ ଲାଗିବାରୁ ବିଳମ୍ବିତ ରାତ୍ରୀରେ ଗାଡିର ଡ୍ରାଇଭର ଅନୁଜ ଚୌହାନ ଗାଡିକୁ ନାରଦପୁର ନିକଟରେ ରାସ୍ତା କଡରେ ଛିଡ଼ା କରି ଶୋଇଥିବା ବେଳେ ଏକ ବୋଲେରୋ ଗାଡିରେ ପାଂଚରୁ ଛଅ ଜଣ ଯୁବକ ଆସି ଡ୍ରାଇଭରକୁ ଧମକ ଚମକ ଦେଇ ବୋଲେରୋରେ ବସାଇ ନିକଟସ୍ଥ ସାତହଳିଆ ଗ୍ରାମ ଜଙ୍ଗଲକୁ ନେଇ ଗଛରେ ବାନ୍ଧି ଟ୍ରକ୍‌ଟିକୁ ନେଇ ଝାଡ଼ଖଣ୍ଡ ଆଡ଼କୁ ଫେରାର ହୋଇଯାଇଥିଲେ। ଏଥିସହିତ ଡ୍ରାଇଭର ନିକଟରୁ ମୋବାଇଲ , ଗାଡି କାଗଜ ପତ୍ର ଓ ନଗଦ ଟଙ୍କା ଲୁଟ୍ କରିଥିଲେ। ସକାଳ ହେବା ପରେ କୌଶଳ କ୍ରମେ ଡ୍ରାଇଭର ଗ୍ରାମରେ ପହଂଚି ଗାଡି ମାଲିକଙ୍କୁ ଖବର ଦେଇଥିଲେ। ଟ୍ରକ୍ ଲୁଟ୍ ହୋଇଥିବା ନେଇ ଗାଡି ମାଲିକ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବର ପାଇ ପୋଲିସ ଲୁଟେରାଙ୍କ ପିଛା କରି ଗାଡିଟିକୁ ଝାଡଖଣ୍ଡ ରାଜ୍ୟର ହାଟଗମ୍ଭାରିଆ ଥାନା ଅନ୍ତର୍ଗତ ବଲଣ୍ଡିଆରୁ ଉଦ୍ଧାର କରିଥିବାବେଳେ ଜଣକୁ ଗିରଫ କରିବା ସହିତ ପାଂଚଜଣ ଲୁଟେରାଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ : ୩ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନ,୨୨/୯ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମୃଦଙ୍ଗା ଗ୍ରାମରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ ଭୁବନ ଅବକାରୀ ବିଭାଗ ତରଫରୁ ଆଜି ଅଚାନକ ଚଢ଼ାଉ କରାଯାଇ ୩ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ମୃଦଙ୍ଗା ଗ୍ରାମର କଳାକାର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅବକାରୀ କମିଶନର ନରସିଂହ ଭୋଳ,ଜିଲ୍ଲାପାଳ ସରୋଜ କୁମାର ସେଠୀ ଓ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଙ୍କ ନିର୍ଦ୍ଦେଶ ରେ ଭୁବନ ଅବକାରୀ ବିଭାଗ ଓଆଇସି ସୌରଭ ମିଶ୍ର, ଏଏସଆଇ ବିଶ୍ୱରଞ୍ଜନ ନାଥଙ୍କ ନେତୃତ୍ୱରେ କନଷ୍ଟେବଳ ଗୋଲାପ ସାହୁ ,ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାମଲ ପ୍ରମୁଖ ଏହି ଚଢାଉ ରେ ସାମିଲ ଥିଲେ। ପାର୍ବଣ ଋତୁ ଆଗମନ ଯୋଗୁ ଭୁବନ ଅଂଚଳରେ ଚୋରା ଦେଶୀ ମଦ ଓ ଗଞ୍ଜେଇ ପ୍ରସ୍ତୁତ ଏବଂ ଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ ଅନୁଯାୟୀ ରୀତିମତ ଚଢ଼ାଉ କରାଯିବ ବୋଲି ଅବକାରୀ ବିଭାଗ ଓଆଇସି ସୌଭାଗ୍ୟ ମିଶ୍ର ସୂଚନା ଦେଇଛନ୍ତି।

## ଗାନ୍ଧୀ ଷ୍ଟାଡିୟମ୍‌କୁ ଲାଗି ସରକାରୀ ଜମି ଦଖଲ କରି ବ୍ୟବସାୟ କରୁଥିବା ସ୍ଥାନକୁ ତହସିଲଦାର ଡିମାର୍କେଟ କଲେ

ବଲାଙ୍ଗୀର,୨୨/୯(ନି.ପ୍ର): ସରକାରୀ ଜମି ଜବରଦଖଲ ସମ୍ପର୍କିତ ଜିଲ୍ଲାପାଳଙ୍କ ଗ୍ରେଭେନ୍ସରେ ଅଭିଯୋଗ ଆସିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଆଜି ଗାନ୍ଧୀ ଷ୍ଟାଡିୟମ୍ ପରିସରକୁ ଲାଗିଥିବା ଜାଗା ଡିମାର୍କେଶନ ହେଉଚିବୋଲି ବଲାଙ୍ଗୀର ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା ଗାନ୍ଧୀ ଷ୍ଟାଡିୟମ୍‌କୁ ଲାଗିସଂଜୀବ ପଣ୍ଡା, ପ୍ରତ୍ୟୁଷ ଦାସ ଦୁଇ ତିନିଜଣ ମିଶି ସରକାରୀ ଜାଗା ଜବର ଦାଖଲ କରି ବ୍ୟବସାୟ ପାଇଁ ଷ୍ଟଲ ନିର୍ମାଣ କରି ବେପାର କରୁଛନ୍ତି। ଏମାନଙ୍କ ରୟତି ପଟ୍ଟା ଅଛି ହେଲେ ସେମାନେ ସରକାରୀ ଜାଗା ଜବର ଦାଖଲ କରିଛନ୍ତି ଅଧ ଏକର ଦାଖଲ ଜାଗା ସରକାରୀ ଖାତାରେ ଅଛି ରୟତିକୁ ଯାଇନାହିଁ। ନକ୍ସା ଚେକ କରାଯାଇଛି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କଲେଜ ଓ ଗାନ୍ଧୀ ଷ୍ଟାଡିୟମ୍‌ର ଉନ୍ନୟନ କକ୍ଷେ ପାଇଁ ନିକଟରେ ମିଟିଂ ହୋଇଥିଲା ତାସହିତ ଗୁଡ଼ିଏ ପ୍ରୋପୋଜାଲ ଅଛି। ଗାନ୍ଧୀ ଷ୍ଟାଡିୟମ୍ ପାଖ ସ୍ଥାନ ଆଜି ମାପଜୁପ ପରେ କାର୍ଯ୍ୟନୁଷ୍ଠନ ନିଆଯିବ ବୋଲି କହିଥିଲେ।

## ସିନ୍ଦୁରପଙ୍କରେ ନୂଆଖାଇ ଭେଟଘାଟ

ସମ୍ବଲପୁର,୨୨/୯(ନି.ପ୍ର): ଜିଲ୍ଲା ସଦର ମହକୁମା ସନ୍ନିକଟ ସିନ୍ଦୂରପଙ୍କ ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ନୂଆଖାଇ ଭେଟ କାର୍ଯ୍ୟକ୍ରମ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ବିକାଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ସିନେମା ଅଭିନେତା ମନୋଜ ମିଶ୍ର, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ସପନ ମିଶ୍ର, ବିଜେଡି ଯୁଗ୍ମ ସମ୍ପାଦକ ଦିଲ୍ଲୀପ ଦୁରିଆ ପ୍ରମୁଖ ଯୋଗଦେଇ ନୂଆଁଖାଇ ପର୍ବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଗୋଟିଏ ପରେ ଗୋଟିଏ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ତା ସହ ସିନେ ତାରକା ମନୋଜ ମିଶ୍ରଙ୍କ ''ମାଇଣ୍ଡ ଗେମ'' ଚଳଚିତ୍ର ର ଟ୍ରେଲର ଉନ୍ମୋଚିତ ହୋଇଥିଲା। ସଂଗଠନର ସମ୍ପାଦକ ପ୍ରଜ୍ୱଳ ପଣ୍ଡା, ସାଧାରଣ ସମ୍ପାଦକ ଅନମୋଲ ଦାଶ, କୋଷାଧକ୍ଷ ସୌରଭ ଦାଶ, ନିଗମ ପାଣିଗ୍ରାହୀ, ସୁକୁମାର ଦାଶ,କ୍ଷୀରୋଦ ବାରିକ,ମନୁ ପଣ୍ଡା, ରମେଶ ପ୍ରଧାନଙ୍କ ସହ ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ବିକାଶର ବିକଳ ଚିତ୍ର: ପୁଣି ଖଟିଆରେ ବୁହାହେଲେ ଗର୍ଭବତୀ

କେନ୍ଦୁଝର,୨୨/୯(ନି.ପ୍ର): ବିକାଶର ବିକଳ ଚିତ୍ର ପୁଣି ଦେଖିବାକୁ ମିଳିଛି କେନ୍ଦୁଝର ଭଳି ଆଦିବାସୀ ବହୁଳ ଜିଲ୍ଲାରୋ ରାସ୍ତାଘାଟର ଦୟନୀୟ ଅବସ୍ଥା ତଥା ଅଭାବ କାରଣରୁ ଏହି ଜିଲ୍ଲାରେ ପୁଣି ଜଣେ ଗର୍ଭବତୀଙ୍କୁ ପ୍ରାୟ ୧ କିଲୋ ମିଟର ରୁ ଉର୍ଦ୍ଧ ରାସ୍ତା ଖଟିଆରେ ବୋହି ନେବାକୁ ପଡିଛି ପରିବାର ଲୋକଙ୍କୁ। ଏହି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ନିର୍ବାଚନ ମଣ୍ଡଳୀରେ । ସ୍ୱାଧୀନତାର ୭୫ ବର୍ଷ ପରେ ଆଜି ବି ତେଲକୋଇ ବ୍ଲକର ଅନେକ ଅଂଚଳ ଏବେ ବି ଏକ ପ୍ରକାର ଅପହଂଚ ଅପହଂଚ ହୋଇ ରହିଛି । ରାସ୍ତାଘାଟର ସଂଯୋଗ ର ଅଭାବ ସାଙ୍ଗକୁ ଦୁରାବସ୍ଥା ଓ ଦୟନୀୟ ଅବସ୍ଥା କାରଣରୁ ଗ୍ରାମାଚଂଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁ ମାନଙ୍କୁ ରାସ୍ତାର ସୁବିଧା ନଥିବା କାରଣରୁ ଗୁରୁତର ରୋଗୀଙ୍କ ହସପିଟାଲ ନେବାକୁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଆସିପାରୁନାହିଁ । କିନ୍ତୁ ଏପଟେ ସରକାର ମିଥ୍ୟା ବିକାଶର ବାହାସ୍ୱୋଟ ମାରି ଭୋଟ ହାତେଇବା ଦିଗରେ ଆଦୌ କାର୍ପଣ୍ୟ କରୁ ନଥିବା ଲକ୍ଷ୍ୟ କରାଯାଉଛି । ନାହାଁନ୍ତି । ଏବେ ପୁଣି ରାସ୍ତା ନଥିବା କାରଣରୁ ଗାଁରେ ଆମ୍ବୁଲାନ୍ସ ପହଂଚି ନପାରିବାରୁ ପ୍ରାୟ ୧ କିଲୋମିଟର ଦୂର ପର୍ଯ୍ୟନ୍ତ ଜଣେ ଗର୍ଭବତୀଙ୍କୁ ପରିବାର ଲୋକମାନେ ଖଟିଆରେ ବୋହି ନେବାକୁ ପଡିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକର ଉପାନ୍ତ ଅଂଚଳ ତାଳପଦା ପଂଚାୟତ ର ଗୁରୁମ ଗାଁର ମୁଣ୍ଡା ସାହୀରେ । ମିଳିଥିବା ସୂଚନାନୁଯାୟୀ ଏହି ଗ୍ରାମର ଦୁବେଇ ମୁଣ୍ଡାଙ୍କ ପତ୍ନୀ ୨୩ ବର୍ଷିୟା ମାନୀ ମୁଣ୍ଡା ଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେବାରୁ ଆମ୍ବୁଲାନ୍ସକୁ ଯୋଗା ଯୋଗ କରିଥିଲେ । ଆମ୍ବୁଲାନ୍ସ ଠିକ ସମୟରେ ଆସିଥିଲା , କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ତଥା କାଦୁଅ ରାସ୍ତା କାରଣରୁ ତାଳପଦା ହାଇସ୍କୁଲ ଠାରେ ଅଟକି ରହିଥିଲା। ଫଳରେ ଧୁବେଇ ମୁଣ୍ଡାଙ୍କର ପତ୍ନୀ ମାନୀଙ୍କୁ ଗାଁ ଲୋକମାନଙ୍କ ସହାୟତାରେ ଖଟିଆର କାନ୍ଧେଇ ଦୁଇଟି ନାଳ ପାର କରାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଂଚାଇବା ପରେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରରେ ଭର୍ତି କରାଯାଇଥିଲା । ତେବେ ମାନୀ ମୁଣ୍ଡା ମେଡିକାଲରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ବେଳେ ମା ଓ ଶାଶୁ ର ସ୍ୱାସ୍ଥ ଅବସ୍ଥା ଭଲ ରହିଥିବା ଜଣା ପଡିଛି । ଏହି ତେଲକୋଇ ହେଉଛି ସେହି ନିର୍ବାଚନ ମଣ୍ଡଳୀ ଯେଉଁଠାରେ ଆଜି ବି ପାଠ ପଢିବା ଲାଗି ଯିବାକୁ ପିଲାଙ୍କର ଜୀବନ ବାଜିରେ ଲାଗିଛି । ପିଲାମାନେ ଉଛୁଳା ନଇରେ ଡଙ୍ଗାରେ ଆହୁଲାମାରି ବିପଦପୂର୍ଣ୍ଣ ଅବସ୍ଥାରେ ନଇ ପାର ହେଉଛନ୍ତି । ଏହି ନିର୍ବାଚନ ମଣ୍ଡାଳୀରେ ସତେ ଯେପରି ବିକାଶ ବାଟ ହୁଡିଛି ।

# ଭ୍ରଷ୍ଟାଚାରୀ ବ୍ଲକ ପ୍ରଶାସନକୁ ଘେରାଉ କଲା କଂଗ୍ରେସ

ଭଦ୍ରକ,୨୨/୯(ନି.ପ୍ର): - ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ବିଡିଓ ବିଜେଡି ଦଳର ବୋଲକରା ସାଜିଛନ୍ତି। ମିଳାମିଶି ୫୦ ପ୍ରତିଶଦ ପିସି ଆଦାୟ କରୁଛନ୍ତି। ମନରେଗା ଯୋଜନା ଅର୍ଥକୁ ହରିଲୁଟ କରାଯାଉଛି। ବିଦ୍ୟାଳୟ ରୂପାନ୍ତରିକରଣ ନାମରେ ଦଳୀୟ ପାଣ୍ଠି ଯୋଗାଡ ହେଉଛି। କଂକ୍ରିଟ ରାସ୍ତା ବି ଦୁର୍ନୀତିରୁ ବାଦ ପଡୁନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହଡପ କରାଯାଉଛି। ରାସନ କାର୍ଡ ସୁବିଧାରୁ ଗରିବ ବାଦ ପଡୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦରଦାମ ବୃଦ୍ଧି ରୋକିବାରେ ବିଫଳ ହୋଇଛନ୍ତି ଆଦି ନାନା ଅଭିଯୋଗ ଆଣି ସ୍ଥାନୀୟ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ଲକ ଘେରାଉ କରାଯାଇଛି। ଦଳୀୟ କାର୍ଯ୍ୟାଳୟରୁ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ସରକାରଙ୍କ ଜନବିରୋଧି କୁଶାସନକୁ ତୀବ୍ର ସମାଲୋଚନା କରିବା ସହ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର, ଓଡିଆ ଦାଦନ ଖଟିବାକୁ ଯିବା ଆଦି ପ୍ରସଙ୍ଗରେ ସରକାରଙ୍କୁ ନିଶାଣ କରିଥିଲେ। ବ୍ଲକ ପ୍ରଶାସନର ଜନବିରୋଧି କାର୍ଯ୍ୟକୁ କଂଗ୍ରେସ ବିରୋଧ କରିବ ବୋଲି ସେ ଚେତାବନୀ ଦେଇଥିଲେ। ଦଳର ଜିଲ୍ଲା ସଭାପତି ଅଶୋକ ଦାସ, ପ୍ରାକ୍ତନ ସଭାପତି ସୁବ୍ରତ ଦାସ, ମହିଳା ନେତ୍ରୀ ସବିତା ଚନ୍ଦ, ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ଦାସ, ବରିଷ୍ଠ ନେତା ପିତାମ୍ବର ନାୟକ, ଗୋଲକ ଚନ୍ଦ୍ର ବେହେରା, ସରପ ଅକ୍ଷୟ ତ୍ରିପାଠୀ, ମିନତୀ ସାହୁ, ବିଜୟ ଶଙ୍କର ମହାନ୍ତି, ଗଣେଷ ଭାରତୀ, ଅଜୟ ସାହୁ ପ୍ରମୁଖ ବ୍ଲକ ପ୍ରଶାସନକୁ ଭର୍ତ୍ସନା କରିଥିଲେ। ଏହି ମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ରକୁ ବିଡିଓ ଦେବଦ ଦାସ ଶ୍ରୀ ପଟ୍ଟନାୟକଙ୍କ ଠାରୁ ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ଛାମୁଆଁ କର୍ମୀ ଓ ନେତାମାନେ ଅଂଶଗ୍ରହଣ କରିଥିଲେ।

## ଭ୍ରମଣ ପୂର୍ବରୁ ପ୍ରସ୍ତୁତି...



କର୍ମଜୀବୀ ଲୋକେ କାମରୁ ବିଶ୍ରାମ ନେବାପାଇଁ ଭ୍ରମଣକୁ ସବୁଠୁ ଉତ୍କୃଷ୍ଟ ଉପାୟ ବୋଲି ମନେ କରୁଛନ୍ତି। ପ୍ରକୃତରେ ମଧ୍ୟ ଅନେକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଛି। ବର୍ଷକୁ ଥରୁଟିଏ କିମ୍ବା ଦୁଇଥର ଭ୍ରମଣ କଲେ ସେମାନଙ୍କ କାମର ଚାପରୁ ମୁକ୍ତି ମିଳିଥାଏ ବୋଲି ସର୍ବେକ୍ଷଣରେ ପ୍ରକାଶ ପାଇଛି। ତେବେ ଯାତ୍ରା ଆରମ୍ଭ ପୂର୍ବରୁ ପ୍ରଥମେ ନିଜ ଆବଶ୍ୟକ ଜିନିଷକୁ ସଂଗ୍ରହ କରିବା ନିମନ୍ତେ ତାଲିକାଟିଏ ପ୍ରସ୍ତୁତ କରନ୍ତୁ।

ବଜାରରେ ଓ ଅନ୍-ଲାଇନରେ ବିଭିନ୍ନ କମ୍ପାନୀର ଶସ୍ତାଠାରୁ ମହରଗ ବ୍ୟାକ୍ ପ୍ୟାକ୍ ବ୍ୟାଗମାନ ମିଳୁଛି। ସେହି ବ୍ୟାଗଟିଏ କିଣିବା ସହ ସେଥିରେ ବିସ୍କୁଟ, ପାଉଁରୁଟି, ଜାମ୍ ଇତ୍ୟାଦି ଶୁଖିଲା ଖାଦ୍ୟ ରଖିପାରିବେ।

ଏବେ ଯାତ୍ରା ସମୟରେ ମୁଖ୍ୟ ସାଥି ହେଲା ସ୍ମାର୍ଟଫୋନ୍। ତେବେ ସ୍ମାର୍ଟଫୋନରେ ବ୍ୟାଟେରି ରହିବା ଅନ୍ୟତମ ପ୍ରମୁଖ ଆବଶ୍ୟକତା। ବ୍ୟାଟେରି ଶେଷ ହେବାର ଭୟରୁ ବର୍ତ୍ତିବା ନିମନ୍ତେ ନିଜ ସହ ପାୱାର ବ୍ୟାଙ୍କ ନେବାକୁ ଯେପରି ଆପଣ ନ ଭୁଲନ୍ତି।

ଯେ କୌଣସି ହୋଟେଲରେ ସୁରକ୍ଷିତ ଭାବେ ରହିଲେ ମଧ୍ୟ ରିଚାର୍ଜେବଲ୍ ଟର୍ଚ୍ଚଟିଏ ସାଥିରେ ରଖନ୍ତୁ। ଆବଶ୍ୟକ ସମୟରେ ତାହା ମଧ୍ୟ କାମରେ ଆସିପାରେ।

ସ୍ମାର୍ଟ ଯୁଗରେ ଯାତ୍ରା ସମୟରେ ଅଧିକାଂଶ ଲୋକ ସ୍ମାର୍ଟ ୱାଚ୍ ପିନ୍ଧିବାକୁ ଖୁବ୍ ପସନ୍ଦ କରିଥାନ୍ତି। କାରଣ ଏହା ସ୍ଥାନର ଜଳବାୟୁ ଅନ୍ୟ ଆଖପାଖ ସ୍ଥାନର ପ୍ରକୃଷ୍ଟ ଦୂରତା ଇତ୍ୟାଦି ନୋଟିଫିକେସନ ଭାବେ ଅବଗତ କରାଇଥାଏ।

ଜ୍ୱର, ଝାଡ଼ା, ବାନ୍ତି, ପେଥବ୍ୟଥା ଇତ୍ୟାଦିର ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ନେଇଯାନ୍ତୁ। ତାହା ମଧ୍ୟ କାମରେ ଆସିପାରେ।



## ସ୍ମାର୍ଟଫୋନ୍ ଚିହ୍ନିବ କର୍କଟ ରୋଗ



ଏଣିକି ସ୍ମାର୍ଟଫୋନ୍ କର୍କଟ ରୋଗ ଚିହ୍ନଟ କରିବ ବୋଲି ଇସ୍ରାଇଲର ଗବେଷକମାନେ ମତ ଦେଇଛନ୍ତି। ଏକ ସ୍ମାର୍ଟଫୋନ୍ ନିର୍ମାଣ କରି ସେମାନେ ଏହା ଜାଣିପାରିଛନ୍ତି। ଏହି ଫୋନ୍ ଦ୍ୱାରା ରୋଗୀକୁ କର୍କଟ ହୋଇଛି କି ନାହିଁ ଜାଣିହେବ। ରୋଗ ଚିହ୍ନଟ ସହ ଏହାର ଲକ୍ଷଣ ମଧ୍ୟ ଜାଣିହେବ। ଏହି ସ୍ମାର୍ଟଫୋନରେ ଫଟୋ ନେବାପାଇଁ ଏକ ଲେନ୍ସ ଲଗାହେବା ସହ ପ୍ଲାଷ୍ଟିକର ଏକ ହ୍ୟାଣ୍ଡେଲ ଲଗାଯାଇଛି। ସ୍ମାର୍ଟଫୋନରେ ଉଠାଯାଉଥିବା ଫଟୋକୁ ପରୀକ୍ଷଣ କରିବା ପାଇଁ ଅପଲୋଡ଼ କରାଯାଇଥାଏ। ଫଟୋ ସବୁଜ ରଙ୍ଗର ହୋଇଥାଏ। କିନ୍ତୁ କ୍ୟାନସର କୋଷ ଅଲଗା ରଙ୍ଗର ଦେଖାଯାଇଥାଏ। ଆଶଙ୍କା କରାଯାଉଥିବା ତ୍ୱଚା କର୍କଟ ଓ ରକ୍ତ ଜମାଟ ବାନ୍ଧିଥିବା ସ୍ଥାନରେ ମୋବାଇଲର ବଡ଼ ଲେନ୍ସ ଦ୍ୱାରା ଫଟୋ ଉଠାଯାଇଥାଏ। ଯଦି ଉକ୍ତ ସ୍ଥାନରେ କର୍କଟ ହୋଇଥାଏ, ତେବେ ଫଟୋ ଲାଲ୍ ରଙ୍ଗ ହୋଇଯିବ। ଲାଲ୍ ରଙ୍ଗରୁ ହିଁ ଜଣାପଡ଼ିବ କର୍କଟ ହୋଇଛି କି ନାହିଁ।

## କେଶ ଅଧିକ ଝଡୁଥିଲେ



ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ। ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍।

♦ ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ। ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ। ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି।

♦ ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ। ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ। ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ।

♦ ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶାମ୍ପୁ କରିନେବେ। ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ।

♦ ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୁଅନ୍ତୁ। କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ।



## ଅଲିଭ୍ ତେଲର ଉପକାରିତା

ବିଦେଶୀ ରାଇଜରେ ରୋଷଶାଳାରେ ଅଲିଭ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର। ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏଇ ତେଲ ମୁଖ୍ୟ ବୋଲି ସେମାନଙ୍କ ଧାରଣା। ଖାଦ୍ୟ ବିଶେଷଜ୍ଞ ମତରେ ବିଭିନ୍ନ ପ୍ରକାର ତେଲରେ ଭିନ୍ନଭିନ୍ନ ପୋଷକତତ୍ତ୍ୱ ମହଜୁଦ ଥାଏ। ସେହିପରି ଅଲିଭି ତେଲର ମଧ୍ୟ ଅନେକ ଉପକାରିତା ଅଛି।

ବିଶେଷକରି ବିଭିନ୍ନ ସାଲାଡରେ ସାମାନ୍ୟ ଅଲିଭ ତେଲ ମିଶାଇ ଖାଇଲେ ତାହା ସାଲାଡର ପୋଷକତତ୍ତ୍ୱ ବୃଦ୍ଧି କରିଥାଏ। ରକ୍ତଚାପ ରୋଗୀ ହୃଦରେରାଗୀ ଏଇ ତେଲରେ ରନ୍ଧା ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ ବୋଲି ବିଶେଷଜ୍ଞଙ୍କ ମତ।





ପ୍ରଚୁର ପରିମାଣ ଆଣ୍ଟିଅକ୍ସିଡାଣ୍ଟ ମହଜୁଦ୍ ଥିବା ଅଲିଭ ତେଲ ରନ୍ଧା ଖାଇଲେ କର୍କଟରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି।

ଭିଟାମିନ୍ କେ ଓ ଇ ଭରପୂର ଥିବା ଅଲିଭ ତେଲ ଖାଇଲେ ହାଡ଼ ଓ ଗଣ୍ଠିକୁ ଶକ୍ତି ମିଳିଥାଏ ବୋଲି ଗବେଷକଙ୍କ ମତ।

## ଗଜାମୁଖ ଖାଆନ୍ତୁ, ସୁସ୍ଥ ରହନ୍ତୁ

ଗଜାମୁଗ ଏସବୁ ହେଉଛି ପୋଷଣର ଗନ୍ତାଘର। ଏଥିରେ ପ୍ରୋଟିନ, ଖଣିଜଲବଣ, ଶ୍ୱେତସାର, ଭିଟାମିନ୍ ଓ ଅଳ୍ପ ପରିମାଣର ଅତ୍ୟାବଶ୍ୟକ ଏସିଡ୍ ରହିଛି। ପ୍ରତ୍ୟେକ ଦନ ଗଜାମୁଗ ଖାଇଲେ ଅନ୍ୟ କୌଣସି ଟନିକ, ଭିଟାମିନ୍, ପ୍ରୋଟିନ୍ ଓ ଖଣିଜ ଲବଣର ଆବଶ୍ୟକତା ପଡ଼ିବନି। ଏକ ପରୀକ୍ଷଣରୁ ଜଣାପଡ଼ିଛି ଯେ ଏକ କପ ଗଜା ସୋୟାବିନରେ ଯେତିକି ପରିମାଣରେ ଭିଟାମିନ୍ ସି ରହିଛି, ଛ'ଗ୍ଲାସ କମଳା ରସରେ ସେତିକି ଭିଟାମିନ୍ ନଥାଏ। ଗୋଟିଏ କିଲୋଗ୍ରାମ ଅଟାରେ ପୋଷକତତ୍ତ୍ୱ ଯେତିକି ରହିଥାଏ, ତାହାଠାରୁ ଅଧିକ ଭିଟାମିନ୍ ଗଜା ଗହମରେ ରହିଥାଏ। ଏହାସବୁ ପ୍ରକାରର ଶସ୍ୟ ଓ ଡାଲିଜାତୀୟ ଖାଦ୍ୟରେ ରହିଥାଏ।

## ବାଡ଼ିରେ ଲଗାନ୍ତୁ ଔଷଧୀୟ ଚାରା

ପ୍ରାଚୀନ କାଳରୁ ଆମ ପରମ୍ପରାରେ ବିଭିନ୍ନ ରୋଗ ଉପଚାରରେ ଔଷଧୀୟ ବୃକ୍ଷର ପ୍ରୟୋଗ ହୋଇ ଆସୁଛି। ନିଜ ବାଡ଼ିରେ ଔଷଧୀୟ ଚାରା ଲଗାଇଲେ ବିଭିନ୍ନ ରୋଗରେ ଏହାର ପ୍ରୟୋଗ କରାଯାଇ ଉପଶମ ମିଳିପାରିବ। ୪୫୦୦ ବର୍ଷ ତଳେ ରଚନା କରାଯାଇଥିବା ଅଥର୍ବ ବେଦରେ ଆୟୁର୍ବେଦ ସମ୍ବନ୍ଧରେ ବିଶେଷ ଭାବରେ ଉଲ୍ଲେଖ ରହିଛି। ତେବେ ପରବର୍ତ୍ତୀ ସମୟରେ ଚରକ, ବରାହମିହିର ପ୍ରମୁଖ ମୁନିରଷି ଏହାକୁ ଆହୁରି ବ୍ୟାପକ କରିଛନ୍ତି। ବିଭିନ୍ନ ଗ୍ରନ୍ଥରେ ୮୦୦୦ ଜାତି ଓ ଉପଜାତିର ଔଷଧୀୟ ଉଦ୍ଭିଦ ସମ୍ପର୍କରେ ବର୍ଣ୍ଣନା ରହିଛି। ସେଗୁଡ଼ିକ ମଧ୍ୟରେ ଅଶୋକ, ରକ୍ତଚନ୍ଦନ, ନାଗେଶ୍ୱର, ଡଙ୍କରୀ, ବରୁଣ, ବାଇବିଡଙ୍ଗ, ସର୍ପଗନ୍ଧା, କୋଇଲିକନ୍ଦ, ପାଟଳୀ ଆଦି ମୂଲ୍ୟବାନ ଔଷଧୀୟ ବୃକ୍ଷ ଲୋପପାଇବାକୁ ବସିଲାଣି। ସଚେତନତା ଅଭାବରୁ ଏହି ବିରଳ ଉଦ୍ଭିଦଗୁଡ଼ିକୁ ବିଲୁପ୍ତ ହେବାକୁ ବସିଛି। ଏ ଦିଗରେ ଯଥେଷ୍ଟ ଜନସଚେତନତାର ଆବଶ୍ୟକତା ରହିଛି। ତେବେ ସରକାରଙ୍କ ପକ୍ଷରୁ ସଚେତନ କରିବାର ଉଦ୍ୟମ ଜାରି ରହିଛି। ଏବେ ପ୍ରାୟତଃ ବହୁ ଲୋକ ନିଜ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରା ଲଗାଉଛନ୍ତି।



## ବର୍ଷାଦିନରେ ଚିକନଗୁନିଆର ଭୟ

ଚିକନଗୁନିଆ ମାଦା ଏଡିଜ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶା ଦିନରେ ଅଧିକ କାମୁଡ଼ନ୍ତି। ମଶାଙ୍କର ଲାଳରେ ଥିବା ଚିକନଗୁନିଆ ଜୀବାଣୁ ଶରୀରରେ ପହଂଚି ରୋଗର କାରଣ ହୋଇଥାନ୍ତି। ଏହି ରୋଗର ଅଧିକ ଦୁଷ୍ପ୍ରଭାବ ଲିଭର ଉପରେ ପଡ଼ିଥାଏ। ଯାହା ଦ୍ୱାରା ଲିଭରରେ ପିତ୍ତ ରସ ତିଆରି ହେବା ବନ୍ଦ ହୋଇଯାଏ। ଏହା ପାଚନ କ୍ରିୟାରେ ହେଉଥିବା ବିକାରକୁ ଦୂର କରିଥାଏ।



ଲକ୍ଷଣ: ଗଣ୍ଠି ସ୍ଥାନରେ ଅଧିକ ବ୍ୟଥା, ଜ୍ୱର, ଦୁର୍ବଳତା, ଶରୀର ଫୁଲିବା, କୁଣ୍ଡେଇ ହେବା, ପରିସ୍ରା ନ ଲାଗିବା, ବିଚଳିତ ଅନୁଭବ କରିବା, ଥଣ୍ଡା କାଶ ହେବା ଓ ଖାଇବାରେ ସ୍ୱାଦ ନଲାଗିବା ଭଳି ସମସ୍ୟା ଦେଖାଦେଇଥାଏ। ଏହି ରୋଗ ବର୍ଷା ଦିନରେ ଆରମ୍ଭ ହୁଏ। ଏଥିରୁ ରକ୍ଷା ପାଇବା ପାଇଁ ଜୁଲାଇ ମାସର ପ୍ରାରମ୍ଭରେ ଫଳାତ୍ରିକାଦୀକସାୟର କାଢ଼ା ତିନି ଦିନ ପର୍ଯ୍ୟନ୍ତ ସକାଳେ ସଂଧ୍ୟାରେ ପିଅନ୍ତୁ। ଏଥିରେ ହରିଡ଼ା, ବାହାଡ଼ା, ଅଁଳା, ଚିରାୟତା, ବାସାପତ୍ର, ନିମପତ୍ର, କୁଟକୀ ଓ ଗିଲୋୟ ମିଶିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇ ଚିକନଗୁନିଆ, ଡେଙ୍ଗୁ, ମ୍ୟାଲେରିଆ ସହିତ ସୁଗାର ଓ କାମଳ ରୋଗୀମାନଙ୍କୁ ମଧ୍ୟ ଲାଭ ଦେଇଥାଏ। ଶରୀରର ଇମ୍ୟୁନିଟି ବଢ଼ାଇବା ପାଇଁ ୩-୪ ତୁଳସୀ ପତ୍ର, ଗିଲୋୟ ରସ ଓ ଗିଲୋୟ ଧନବଟୀ ପିଅନ୍ତୁ ଓ ଖାଆନ୍ତୁ।

**କାଢ଼ା ତିଆରି କରିବାର ପଦ୍ଧତି:** ହରିଡ଼ା, ବାହାଡ଼, ଅଁଳା, କୁଟକୀ, ଚିରାୟତା, ବାସାପତ୍ର, ନିମପତ୍ର ଓ ଗିଲୋୟକୁ ସମାନମାତ୍ରାରେ ନେଇ ତାକୁ ଚୂର୍ଣ୍ଣ କରି ରଖନ୍ତୁ। ପ୍ରତ୍ୟେକ ଦିନ ୧୦ ଗ୍ରାମ ଚୂର୍ଣ୍ଣକୁ ନେଇ ଏକ ଗ୍ଲାସ ପାଣିରେ ଫୁଟାନ୍ତୁ। ପାଣି ଫୁଟି ୪ ଭାଗରୁ ଏକ ଭାଗ ହୋଇଗଲା ପରେ ଅଳ୍ପ ଗରମ ଥିବା ଅବସ୍ଥାରେ ପିଅନ୍ତୁ।

## ପାଚିଲା ଅମୃତଭଣ୍ଡାର ଉପକାରିତା

ପାଚିଲା ଅମୃତଭଣ୍ଡା ଭିଟାମିନ ଏ ଏବଂ ବିର ଗୁଣରେ ଭରପୂର । ଏହାକୁ ଖାଇବା ସହିତ ସ୍କିନର ଯତ୍ନ ପାଇଁ ମଧ ବ୍ୟବହାର କରାଯାଏ । କଞ୍ଚା ଅମୃତଭଣ୍ଡାକୁ ତରକାରୀ ଓ କୋପ୍ତା କରାଯାଏ । ପାଚିଲା ଅମୃତ ଭଣ୍ଡାକୁ ଫଳ ଭାବରେ ଖିଆଯାଏ । ବହୁତ ଲୋକ ଅମୃତଭଣ୍ଡାକୁ ଫେସପ୍ୟାକ୍ ଭାବରେ ମଧ ବ୍ୟବହାର କରନ୍ତି । ଏମିତି ତ ହୱାଇନ ଓ ମେକ୍ସିକନ ଅମୃତଭଣ୍ଡାର ସ୍ୱାଦ ମଧ ଅଲଗା ଅଲଗା ଏହି ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ଅଟେ । ଶହେ ଗ୍ରାମ ଅମୃତଭଣ୍ଡାରୁ ୧ରୁ୨ଚାମଚ ପ୍ରୋଟନ, ୯୮ କ୍ୟାଲୋରୀ, ୭୦ ଏମଜି ଆଇରନ ଭରପୂର ମାତ୍ରାରେ ମିଳେ । ଏହା ପଟେ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ଖାଦ୍ୟ ହଜମ କରିବାରେ ମଧ ସାହାଯ୍ୟ କରେ। କଞ୍ଚା ଅମୃତଭଣ୍ଡାକୁ ଯଦି ଆମିଷ ତରକାରୀରେ ପକାଯାଏ, ତେବେ ଏହା ଜଲଦି ସିଝିଯାଏ । ଏହାକୁ ତାଜା ଖାଇବା ଉଚିତ କାରଣ ଗଛରୁ ପଡ଼ିବା ପରେ ଏହା ବେଶୀ ଦିନ ପର୍ଯ୍ୟନ୍ତ ଫ୍ରେସ ରୁହେ ନାହିଁ ଏହି ଗଛ ଲଗାଇବାର ଦୁଇରୁ ତିନି ବର୍ଷ ମଧ୍ୟରେ ଫଳ ଆସିଯାଏ ।



**ଉପକାରିତା:**

♦ କୌଣସି ପୋଲିଓଗ୍ରସ୍ତ ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ ।

♦ ଏଥିରେ ପପେନ ନାମକ ପଦାର୍ଥ ଥାଏ ଯାହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟକରେ ।

♦ ଏହାକୁ ମୁହଁରେ ଲଗାଇଲେ ବ୍ରଣ ହୁଏ ନାହିଁ ତଥା କଳାଦାଗକୁ କମ କରେ ।

♦ ଏହାକୁ ବହୁତ ଲୋକ ପ୍ରାକୃତିକ ବ୍ଲିଚ ଭାବରେ ମଧ ବ୍ୟବହାର କରାଯା, ।

♦ ଦାନ୍ତରୁ ଯଦି ରକ୍ତ ବାହାରୁଥାଏ । ତେବେ ଏହାର ସେବନ ଯୋଗୁଁ ଲାଭ ମିଳିଥାଏ ।

♦ ଅର୍ଶ ରୋଗ ପାଇଁ ମଧ ଏହା ବହୁତ ଲାଭକାରୀ କାରଣ ଏହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ହୁଏ ନାହିଁ ।

## ଡାଇବେଟିସରୁ ମୁକ୍ତି ପାଆନ୍ତୁ

ଏବେ ପ୍ରାୟତଃ ଅଧିକାଂଶ ଲୋକଙ୍କଠାରେ ଡାଇବେଟିସ ଦେଖାଦେଉଛି। ଏହା ସାଧାରଣ ରୋଗ ହୋଇଥିଲେ ବି ଏହାଦ୍ୱାରା ବ୍ୟକ୍ତିର ଜୀବନ ମଧ୍ୟ ଚାଲିଯାଏ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଏବେ ଟାଇପ୍-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଗବେଷକଙ୍କ କହିବାନୁସାରେ ଶର୍କରା ସ୍ତର ସାଧାରଣ ଥିଲେ ମଧ୍ୟ ଜଣେ ବ୍ୟକ୍ତିକୁ ଟାଇପ-୨ ଡାଇବେଟିସ ହୋଇଥାଏ। ଏଥିପାଇଁ ଡାଇବେଟିସ ବିଶେଷଜ୍ଞମାନେ କହନ୍ତି ବୟସ ହେବା ପରେ ଡାଇବେଟିସ ପାଇଁ ସଚେତନ ହେବା ଅପେକ୍ଷା ବୟସ ପୂର୍ବରୁ ସଚେତନ ହେଲେ ବହୁତ ଭଲ। ଟାଇପ୍-୨ ଡାଇବେଟିସ ଦ୍ୱାରା ବ୍ୟକ୍ତିର ହୃଦ୍‌ଘାତ,




ହୃଦରୋଗ ଓ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଯଥେଷ୍ଟ ପୂର୍ବରୁ ସଚେତନ ହେବା ନିତାନ୍ତ ଆବଶ୍ୟକ। ଏଥିପାଇଁ ପ୍ରତିଦିନ ବ୍ୟାୟାମ, ମର୍ଣ୍ଣିଂୱାକ୍ କରିପାରିଲେ ଏଥିରୁ ମୁକ୍ତି ପାଇପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାହାସ୍ଫୋଟ ଓ ବାସ୍ତବତା...

ବଡ଼ ଅର୍ଥନୀତି ଭାବରେ ସାରା ବିଶ୍ୱରେ ଭାରତ ପରିଗଣିତ ହେବାରେ ଅନେକ ଫାଇଦା ରହିଛି, ଯେମିତିକି ଭାତ ହାଣ୍ଡିରୁ ଗୋଟିଏ ଚିପି ଭାତ ହେବା ଜାଣିବା ଭଳି ଗୋଟିଏ ବାକ୍ୟରେ କହିଲେ ତେଲିଆ ମୁଣ୍ଡରେ ତେଲ ଢାଳିବାକୁ ଉଦାରବାଦୀ ଅର୍ଥନୀତିରେ ଦେଶୀ ପୁଞ୍ଜିନିବେଶକାରୀଙ୍କ ସହିତ ବହୁ ବିଦେଶୀ କମ୍ପାନୀ ପୁଞ୍ଜିନିବେଶ କରିବାକୁ ଆଗେଇ ଆସିବା ଏବଂ ସେହିଭଳି ଅନ୍ୟାନ୍ୟ ପ୍ରସଙ୍ଗ ରହିଛି। ବର୍ତ୍ତମାନ ସମୟରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ହେବା ପଥରେ ଆଗଉଛି ବୋଲି ବେଶ୍ କିଛି ମାସ ହେବ ଅନେକ କଥା କୁହାଯାଉଛି ; ଡିଣ୍ଡିମ ପିଟା ଯାଉଛି କହିଲେ ଚଳେ। ଦେଶର ଅର୍ଥନୀତିର ପରିମାଣ ଏବଂ ଆକାରକୁ ସୂଚାଇବା ଦୃଷ୍ଟିରୁ ଏହି ସୂଚକାଙ୍କ କେତେକ ଗୁରୁତ୍ୱ ବହନ କରୁଥିବା ବେଳେ ନାଗରିକମାନଙ୍କ ଦ୍ୱାରା ଅତିବାହିତ କରାଯାଉଥିବା ଜୀବନର ମାନ ସମ୍ପର୍କରେ ସୂଚାଇବା ନିମନ୍ତେ ଏହା କ୍ୱଚିତ୍ କିଛି କାମ କରିଥାଏ । ଉଦାହରଣ ସ୍ୱରୂପ, ଅର୍ଥନୀତିର ସାମଗ୍ରିକ ଆକାର ଭାରତକୁ ବିଶ୍ୱର ଶୀର୍ଷସ୍ଥାନୀୟ ପାଞ୍ଚଟି କି ଛଅଟି ଅର୍ଥନୀତି ଭିତରେ ସ୍ଥାନିତ କରାଇ ପାରୁଥିବା ବେଳେ ଦେଶର ନାଗରିକମାନଙ୍କର ମୁଣ୍ଡପିଛା ଆୟର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଦେଶର ଜନସଂଖ୍ୟାର ବିପୁଳତା ଦୃଷ୍ଟିରୁ ଏହାକୁ ଯଥେଷ୍ଟ ନିମ୍ନ ସ୍ତରରେ ରଖିବ । ଏହାର ଅର୍ଥ, ଏଇ କଥା ହିଁ ଦେଶର ଲୋକମାନଙ୍କର ମୁଣ୍ଡପିଛା ଆୟକୁ ମାପ କରିବା ଏବଂ ଏହାକୁ ଉନ୍ନତ କରିବାର ଗୁରୁତ୍ୱକୁ ବୟାନ କରିଥାଏ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଏହି କଥାଟିକୁ ହିଁ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ସି ରଙ୍ଗରାଜନ୍ ଆଲୋଚନା କରିବା ନିମନ୍ତେ ଉଠାଇଛନ୍ତି। ତେବେ ଯଦି ବି ଜଣେ ହାରାହାରି ନାଗରିକ ଯେତିକି ରୋଜଗାର କରେ, ମୁଣ୍ଡପିଛା ଆୟ ତା'ର ଏକ ଉନ୍ନତ ସୂଚକ, ତଥାପି ଏହା ସବୁବେଳେ ଠିକ୍ ହୋଇ ନପାରେ, ଯେହେତୁ ତା' ସତ୍ତ୍ୱେ ଏହା ଦେଶର ଅର୍ଥନୀତିକ ସୁସ୍ଥତାର ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟକୁ ଏହାର କାନି ତଳେ ଘୋଡ଼େଇ ରଖୁଥାଏ। ଉଦାହରଣ ସ୍ୱରୂପ, ମୁଣ୍ଡପିଛା ଆୟ ଏକ ଅର୍ଥନୀତିରେ ବେକାରୀ ଅବସ୍ଥା ସମ୍ପର୍କରେ କୌଣସି ସୂଚନା ଦେଇ ନଥାଏ; ନା ମଧ୍ୟ ଏହା ସୂଚନା ପ୍ରଦାନ କରିଥାଏ ଏହାର ବ୍ୟାପକତା ସମ୍ପର୍କରେ କି ଏହି ଆହ୍ୱାନକୁ ମୁକାବିଲା କରିବା ନିମନ୍ତେ ରାଷ୍ଟ୍ର କେତେ ପରିମାଣରେ ସହାୟତା କରୁଛି ବା କେଉଁ କେଉଁ ସାଧନ ଉପଯୋଗ କରୁଛି, ସେସବୁର ଉପଲବ୍ଧତା ଓ ପରିମାଣ ସମ୍ପର୍କରେ । ସେହିଭଳି ଆୟ ଏବଂ ସମ୍ପଦର ଅସମାନତାରେ ରହିଥିବା ମାତ୍ରା ସମ୍ପର୍କିତ ସୂଚନା ଏବଂ ବୁଝାମଣା ମଧ ଏକ ନିଶ୍ଚିତ କରାଯିବା କାର୍ଯ୍ୟ । ସଂକ୍ଷେପରେ କହିବାକୁ ଗଲେ, ଏକ ଅର୍ଥନୀତିର ସମଷ୍ଟିଗତ ଆୟ ଯେତିକି ବୟାନ କରିଥାଏ, ତା'ଠାରୁ କାହିଁ କେତେ ଅଧିକ ଗୁଣରେ କଥାକୁ ଲୁଚାଇ ରଖୁଥାଏ। ସମଷ୍ଟିଗତ ଆୟଠାରୁ ଆଗକୁ ଯାଇ ପାରୁଥିବା ଏକ ଅର୍ଥନୀତିର ପ୍ରାୟ ସମସ୍ତ ଦିଗରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ଦୟନୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ଉଦାହରଣ ଭାବରେ ନିଆଯାଇପାରେ ମାନବ ବିକାଶ ସୂଚକାଙ୍କକୁ, ଯାହା ବାର୍ଷିକ ଭିତ୍ତିରେ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ହିସାବ କରାଯାଇ ସମ୍ପାଦିତ କରାଯାଇଥାଏ। ଏହା ହେଉଛି ଏକ ଦେଶର ନାଗରିକମାନଙ୍କର ମୁଣ୍ଡପିଛା ଆୟ, ଶୈକ୍ଷିକ ଉପଲବ୍ଧି ଏବଂ ସ୍ୱାସ୍ଥ୍ୟସେବା ସୁବିଧା ସୁଯୋଗର ଏକ ଯୌଗିକ ସୂଚକାଙ୍କ । ଏହି କ୍ଷେତ୍ରରେ ପ୍ରସ୍ତୁତ ସଦ୍ୟତମ ତାଲିକାରେ ଭାରତ ୧୯୧ଟି ଦେଶଙ୍କ ଭିତରେ ୧୩୨ତମ ସ୍ଥାନରେ ରହିଛି। ସଦ୍ୟତମ ରିପୋର୍ଟର ଆକଳନ ଅନୁସାରେ, ଭାରତର ଅର୍ଥନୀତିକ ପିରାମିଡ୍ ସବା ଉପରେ ରହିଥିବା ୫ ପ୍ରତିଶତ ଧନୀ ଲୋକମାନଙ୍କ ନିକଟରେ ଦେଶର ସମ୍ପଦର ୫୦ ପ୍ରତିଶତ ରହିଥିବା ବେଳେ ପିରାମିଡ୍‌ର ତଳେ ରହିଥିବା ୫୦ ପ୍ରତିଶତ ଲୋକମାନେ ମାତ୍ର ୩ ପ୍ରତିଶତ ସମ୍ପଦର ମାଲିକ । ସୂଚାଇ ଦିଆଯାଇପାରେ କି, ଭାରତରେ ଲୋକମାନଙ୍କ ଆୟ କ୍ଷେତ୍ରରେ କେବଳ ବଡ଼ ଧରଣର ଅସମାନତା ରହିନାହିଁ, ବରଂ ଏହା ବେଳକୁ ବେଳ ଖରାପରୁ ଅତି ଖରାପ ଅବସ୍ଥା ଆଡ଼କୁ ଗତି କରୁଛି । ସେହିପରି ବେକାରୀ ଅବସ୍ଥା ଏବଂ ଦାରିଦ୍ର୍ୟର ହାର ମଧ ଅତ୍ୟନ୍ତ ଚିନ୍ତାଜନକ। ପରିବେଶ ବାବଦରେ ଯଦି କୁହାଯାଏ, ତା'ହେଲେ ପାରିବେଶିକ ସମ୍ବଳଗୁଡ଼ିକର ପରିଚାଳନା କ୍ଷେତ୍ରରେ ଦକ୍ଷତା ଦୃଷ୍ଟିରୁ ଆନ୍ତର୍ଜାତିକ ସ୍ତରର ତାଲିକାରେ ଭାରତର ସ୍ଥାନ ନିମ୍ନ ଦେଶରେ ରହିଛି । ତେଣୁ ମୋଟାମୋଟି ଭାରତ ବର୍ତ୍ତମାନ ଯାହା ଆବଶ୍ୟକ କରୁଛି, ତାହା ହେଉଛି- ଏହା ଯଦି ସତରେ ନିଜର ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବା କ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ କରିବାକୁ ଚାହୁଁଥାଏ, ତା'ହେଲେ ଏହାକୁ ସୂଚକାଙ୍କଗୁଡ଼ିକର ଏକ ଡାସ୍‌ବୋର୍ଡକୁ ଗ୍ରହଣ କରିବାକୁ ପଡ଼ିବ ଯାହା ଅର୍ଥନୀତିରେ ବାସ୍ତବ ଅବସ୍ଥା ସମ୍ପର୍କରେ ଆପାତତଃ ଏକ ଉନ୍ନତ ଧାରଣା ପ୍ରଦାନ କରି ପାରୁଥିବ ।

# ଶାଗୁଣା ବିଲୁପ୍ତି ଆଡ଼କୁ ଗତି



### ଡକ୍ଟର ଲକ୍ଷ୍ମଣ ସାହୁ

ଶାଗୁଣା ହେଉଛି ଘୃଣ୍ୟ ପକ୍ଷୀ । କିନ୍ତୁ ବର୍ତ୍ତମାନ ଶାଗୁଣା କ୍ୱଚିତ୍ ଦେଖାଯାଏ । ବୋଧହୁଏ ପୃଥିବୀରେ କୌଣସି ପ୍ରଜାତିର ପ୍ରାଣୀ ଏତେ ପରିମାଣରେ ବିଲୁପ୍ତ ହୋଇ ନାହାଁନ୍ତି, ଯେଉଁଥିରେ ୧୯୯୦ ଦଶକରୁ ଶାଗୁଣା ବିଲୁପ୍ତ ହୋଇଛନ୍ତି । ଶାଗୁଣା ବାଇଶି ପ୍ରଜାତିର ପକ୍ଷୀମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁମାନେ ମୃତ ପଶୁମାନଙ୍କୁ ଖାଇଥା'ନ୍ତି । ମୁଖ୍ୟତଃ ସେମାନେ ଟ୍ରପିକାଲ୍ ଓ ସବଟ୍ରୋପିକାଲ୍ ଅଞ୍ଚଳରେ ବାସ କରନ୍ତି । ଏଥିରୁ ସେମାନେ ବର୍ଜ୍ୟବସ୍ତୁ ବାହାର କରି ପରିବେଶକୁ ସଫା ରଖିବାରେ ସାହାଯ୍ୟ କରନ୍ତି । ଏପରିକି ସେମାନେ ବନ୍ୟଜନ୍ତୁ ରୋଗକୁ ନିୟନ୍ତ୍ରଣ କରିବାରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । କିନ୍ତୁ ଗତ ଦୁଇ ଦଶନ୍ଧି ମଧ୍ୟରେ ହଠାତ୍ ଶାଗୁଣାଙ୍କ ସଂଖ୍ୟା ହ୍ରାସ ପାଇଛି ।

ଡିସେମ୍ବର ୨୦୨୨ ରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ରୀୟ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସକୋ)କୁ ଶୃଗାଳର ସୁରକ୍ଷା ତଥା ସଂରକ୍ଷଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା । ପଶୁମାନେ ଏହା ଉପରେ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦେଇଥିଲେ । ଚିକିତ୍ସା କ୍ଷେତ୍ରରେ **(NSAIDs)** (ଅଣ-ଷ୍ଟେରଏଡ୍ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଔଷଧ) ବ୍ୟବହାର, ଯନ୍ତ୍ରଣା ଉପଶମକାରୀ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଔଷଧ ଯେପରିକି ଡିକ୍ଲୋଫେନାକ୍, ଆକଫେନାକ୍, କେଟୋପ୍ରୋଫେନ୍, ନିମସୁଲାଇଡ୍ ଇତ୍ୟାଦି ମଧ ୯୭ ପର୍ଯ୍ୟନ୍ତ ହ୍ରାସ ପାଇଛି । ତେଣୁ ଶାଗୁଣା ସଂଖ୍ୟାରେ ଶତକଡ଼ା ହ୍ରାସ ପାଇବାର କାରଣ ହେଉଛି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ । ଏ ସମ୍ପର୍କରେ ପର୍ଯ୍ୟାବରଣ ମନ୍ତ୍ରୀ ମଧ ସର୍ବସାଧାରଣରେ ସୂଚାଇ ଦେଇଛି ଯେ ତିନି ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଶାଗୁଣା ଜନସଂଖ୍ୟା ଚାରି କୋଟିରୁ ମାତ୍ର ଉନବିଂଶ ହଜାରକୁ ହ୍ରାସ ପାଇଛି ।

ଗତ ତିରିଶ ବର୍ଷ ମଧ୍ୟରେ ପ୍ରାୟ ଚାରି କୋଟି ଶାଗୁଣାଙ୍କର ମୃତ୍ୟୁ ଘଟିଛି। ଏହାର ଅର୍ଥ ହେଉଛି ବିଷାକ୍ତ ଔଷଧ ଯୋଗୁଁ ଭାରତରେ ପ୍ରତି ମାସରେ ପ୍ରାୟ ଏକ ଲକ୍ଷ ଶାଗୁଣା ମରୁଛନ୍ତି । ସେମାନଙ୍କର ବିଲୁପ୍ତ ହେବାର ମୁଖ୍ୟ କାରଣ ହେଉଛି ପ୍ରାଣୀ ଚିକିତ୍ସା ବ୍ୟବହୃତ ଡିକ୍ଲୋଫେନାକ୍ ଔଷଧ, ଯାହା ପଶୁମାନଙ୍କର ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଯେତେବେଳେ ଏହି ଔଷଧ ଖାଇଥିବା ପଶୁ ମରିଯାଏ ଏବଂ ତା'ପରେ ଶାଗୁଣାମାନେ ଏହାକୁ ଖାଆନ୍ତି, ସେତେବେଳେ ସେମାନଙ୍କର କିଡନୀ କାମ ବନ୍ଦ କରିଦିଏ ଏବଂ ଶୃଗାଳମାନେ ମରିଯାଆନ୍ତି । ପରିବେଶରେ କୀଟନାଶକ ଏବଂ ଭାରୀ ଧାତୁର ଉପସ୍ଥିତି ମଧ ଶାଗୁଣା ମୃତ୍ୟୁର ଏକ ପ୍ରମୁଖ କାରଣ ଅଟେ । ବୈଦ୍ୟୁତିକ ତାର ସହିତ ଧକ୍କା ହେବା ଓ ଗଛ କାଟିବା ଦ୍ୱାରା ସେମାନଙ୍କର ପ୍ରାକୃତିକ ବାସସ୍ଥାନ ନଷ୍ଟ ହେବା ମଧ ସଂଖ୍ୟା ହ୍ରାସ ହେବାର ପ୍ରମୁଖ କାରଣ ପାଲଟିଛି ।

ଏକ ଅଧ୍ୟୟନ ଅନୁଯାୟୀ ଗ୍ରାମାଞ୍ଚଳରେ ମାନବ ବସତି ଉପରେ ଆକ୍ରମଣ କରୁଥିବା ଚିତାବାଘର ଘଟଣା ପଛରେ ଶୃଗାଳଙ୍କ ସଂଖ୍ୟା ହ୍ରାସ ପାଉଛି । କୁକୁର ଶିକାର କରୁଥିବା ଚିତାବାଘର ସଂଖ୍ୟା ବୃଦ୍ଧି ପାଇଛି । କୁକୁର ଶିକାର କରିବା ପାଇଁ ସେମାନେ ମାନବ ବସତି ଉପରେ ଆକ୍ରମଣ କରନ୍ତି । ଏପରିକି ପ୍ରାୟତଃ ଦେଖାଯାଏ କୁକୁର ନପାଇ ମାନବ ଶିଶୁମାନଙ୍କୁ ସେମାନଙ୍କର ଶିକାର କରନ୍ତି । ଏଭଳି ଖାଦ୍ୟ ଅନ୍ୱେଷଣରେ ଓ ଭୋକ ରୋକିବା ସହିତ ଶୃଗାଳମାନେ ବଣୁଆ କୁକୁର ପରି ଅନ୍ୟ ଶାବକ ଖାଉଥିବା ଲୋକଙ୍କ ସଂଖ୍ୟାକୁ ସୀମିତ କରିବାରେ ମଧ ସାହାଯ୍ୟ କରନ୍ତି । ୧୯୯୦ ଦଶକରେ ଶାଗୁଣାଙ୍କ ସଂଖ୍ୟା ପ୍ରାୟ ଚାରିଶି ଲକ୍ଷ ଥିଲା, ବାର୍ଷିକ ବାର ଲକ୍ଷ ଟନ୍ ମାଂସ ଖାଆନ୍ତି । ଆଜି ସେମାନଙ୍କ ସଂଖ୍ୟାରେ ୯୫ରୁ ୯୯ ପ୍ରତିଶତ ନଷ୍ଟ ହୋଇଯାଇଛି ।

୧୯୯୦ ଦଶକରୁ ଭାରତୀୟ ଶାଗୁଣାମାନଙ୍କର ବିଲୁପ୍ତ ଘଟିବା ମଧ ମାନବ ସମାଜ ପାଇଁ ସାଂଘାତିକ ପ୍ରମାଣିତ ହୋଇଛି ବୋଲି ଅଧ୍ୟୟନରୁ ଜଣାପଡିଛି । କାରଣରୁ ଯେଉଁଠାରେ ଏହି ପକ୍ଷୀମାନେ ରହୁଥିଲେ ସେହି ସ୍ଥାନରେ ମୃତ୍ୟୁ ହାର ଚାରି ପ୍ରତିଶତ ବୃଦ୍ଧି ପାଇଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି । ୧୯୯୦ରୁ ୨୦୦୦ ଦଶକ ମଧ୍ୟରେ ଶାଗୁଣା ସଂଖ୍ୟା ୯୦ରୁ ୯୫ ପ୍ରତିଶତକୁ ହ୍ରାସ ପାଇଛି । ଏହି ଦଶନ୍ଧି ମଧ୍ୟରେ କୃଷକମାନେ ଡିକ୍ଲୋଫେନାକ୍ ବ୍ୟବହାର କରିଥିଲେ।

ବିଶେଷ କରି ସେମାନେ ତାଙ୍କର ଗୋରୁମାନଙ୍କର ଚିକିତ୍ସା ପାଇଁ ତାକୁ ବ୍ୟବହାର କରିସାରିଥିଲେ । ଏହି ଔଷଧ ଗୋରୁ କିମ୍ବା ମଣିଷ ପାଇଁ କୌଣସି ବିପଦ ସୃଷ୍ଟି କରିନଥିଲା । କିନ୍ତୁ ଶାଗୁଣାମାନେ ଔଷଧ ସହିତ ବ୍ୟବହୃତ ଶବକୁ ଖାଇଥିଲେ । ଯାହା ଫଳରେ ସେମାନଙ୍କ କିଡନୀରେ ତାହା ବିଫଳତା ସୃଷ୍ଟି କରିଥିଲା । କିଛି ସପ୍ତାହ ମଧ୍ୟରେ ସେମାନେ ମରିବାକୁ ଲାଗିଲେ । ଶାଗୁଣା ସଂଖ୍ୟା ହ୍ରାସ ହେତୁ ବଣୁଆ କୁକୁର ଓ ମୂଷା ମୃତ ପଶୁମାନଙ୍କୁ ଖାଇବା ଆରମ୍ଭ କଲେ। କିନ୍ତୁ ଶାଗୁଣା ସେହି ପଶୁମାନଙ୍କ ଶବକୁ ସଂପୂର୍ଣ୍ଣ ନଷ୍ଟ କରିବାରେ ସକ୍ଷମ ନୁହଁନ୍ତି । ସେମାନେ ଛାଡିଥିବା ମାଂସ ଅବଶିଷ୍ଟ ଜୀବାଣୁରେ ପରିପୂର୍ଣ୍ଣ ଥିଲା, ଯାହା ପରେ ପାନୀୟ ଜଳରେ ବ୍ୟାପିଗଲା । ଗବେଷଣାକାରୀମାନେ ଆକଳନ କରିଛନ୍ତି ଯେ ଶାଗୁଣାଙ୍କ କ୍ଷତି ୨୦୦୦ରୁ ୨୦୦୫ ବଦଳରେ ଅଢେଇ ଲକ୍ଷ ଅତିରିକ୍ତ ମାନବଙ୍କ ମୃତ୍ୟୁ ଘଟାଇଥିଲା।

ଶାଗୁଣା ସ୍ୱାଭାବିକ ଭାବରେ ପରିବେଶ ସଫା କରିବାରେ ସାହାଯ୍ୟ କରେ । ଶାଗୁଣାର ଏକ ଗୋଷ୍ଠୀ ପ୍ରାୟ ଚାଳିଶ ମିନିଟରେ ଏକ ପଶୁର ଶବକୁ ସଫା କରିପାରେ । ଏହି ପକ୍ଷୀମାନେ ହାଡକୁ ମଧ ଗିଳି ଦିଅନ୍ତି । ଶାଗୁଣାର ପେଟ ଏସିଡ୍ ଏତେ ଶକ୍ତିଶାଳୀ ଯେ ଏହା ବିପଜ୍ଜନକ ଜୀବାଣୁ ମଧ ନଷ୍ଟ କରିପାରେ । ଯେତେବେଳେ କି ଏହି ଜୀବାଣୁଙ୍କ ଆକ୍ରମଣ ହେତୁ ଅନ୍ୟାନ୍ୟ ପ୍ରଜାତି ମରିଯାଆନ୍ତି । ସେମାନଙ୍କର ବୟସ ପ୍ରାୟ ପଚାଶ ବର୍ଷ । ୱାଇଲ୍ଡ ଲାଇଫ ଫଟୋଗ୍ରାଫର ରୁପେଲ୍ସ ଭେଣ୍ଟର ୧୯୭୩ ମସିହାରେ ଆଇଭୋରୀ କୋଷ୍ଟରେ ୩୭,୦୦୦ ଫୁଟ ଉଚ୍ଚରେ ଶାଗୁଣା ଉଡ଼ିଥିବାର ଦେଖିଲେ । ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ୨୯,୦୨୯ ଫୁଟ କିମ୍ବା ସାମାନ୍ୟ ଅଧିକ ଉଚ୍ଚରେ ଉଡ଼ିବା କଥା କହିଛନ୍ତି । ଏହିପରି ଉଚ୍ଚତାରେ ଅମ୍ଳଜାନର ଅଭାବ ହେତୁ ଅଧିକାଂଶ ଅନ୍ୟ ପକ୍ଷୀମାନେ ମରିଯାଆନ୍ତି । କିନ୍ତୁ ଶାଗୁଣା ଅସାଧାରଣ ପରିବେଶରେ ମଧ ବଞ୍ଚିପାରନ୍ତି ବୋଲି ଦର୍ଶାଇଛନ୍ତି । ସେମାନେ ସହଜରେ ଏକ ହଜାର କିଲୋମିଟର ପର୍ଯ୍ୟନ୍ତ ଉଡିପାରିବେ । ଶହେ କିଲୋମିଟର ପର୍ଯ୍ୟନ୍ତ ସଠିକ୍ ଦର୍ଶନ ପାଇପାରିବେ । ସେମାନଙ୍କ ଦୃଷ୍ଟି ଶକ୍ତି ତୀକ୍ଷ୍ଣ ଓ ଆଘ୍ରାଣ ଶକ୍ତି ପ୍ରଖର, ସ୍ଥିର ବେଗରେ ଉପରୁ ତଳକୁ ଦେଖିପାରନ୍ତି ।

ଶାଗୁଣା ଜଳ ଉତ୍ସକୁ ଦୂଷିତ ହେବାକୁ ମଧ ରୋକିଥାଏ । ଗବେଷଣା ଅଧ୍ୟୟନରୁ ଜଣାପଡିଛି (ହେମୋଗ୍ଲୋବିନ୍ ଓ ଶୃଗାଳର ହୃଦୟ ଗଠନ ସହିତ ଜଡିତ ଅନେକ ବିଶେଷତ୍ୱ ପ୍ରକାଶ କରିଛି, ଯେଉଁ କାରଣରୁ) ସେମାନେ ପ୍ରତିକୂଳ ପରିବେଶରେ ମଧ ନିଶ୍ୱାସ ନେଇପାରନ୍ତି । 'ଇକୋଲୋଜିକାଲ ଇକୋନୋମିକ୍ସ' ୨୦୨୩ରେ ପ୍ରକାଶିତ ଏକ ଆର୍ଟିକିଲ ଅନୁଯାୟୀ, ଶାଗୁଣା ସେବାର ସଂରକ୍ଷଣ ନିମନ୍ତେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ । ଫେବୃଆରୀ ୨୦୨୩ରେ କରାଯାଇଥିବା ପ୍ରଥମ ସମସାମୟିକ ପକ୍ଷୀ ଜନଗଣନା ଅନୁଯାୟୀ ତାମିଲନାଡୁ, କେରଳ ଓ କର୍ଣ୍ଣାଟକର ଦକ୍ଷିଣ ଭାରତୀୟ ତିନୋଟି ରାଜ୍ୟରେ କେବଳ ୨୪୬ଟି ଶାଗୁଣା ଅଛନ୍ତି । ଭାରତର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବର୍ତ୍ତମାନ ଶାଗୁଣା ସଂରକ୍ଷଣ ପାଇଁ ଶାଗୁଣା କାର୍ଯ୍ୟ ଯୋଜନା ୨୦୨୦-୨୦୨୫ ଆରମ୍ଭ କରିଛି । ବିଶ୍ୱର ପ୍ରଥମ (ପ୍ରକାରର) କରି ଉତ୍ତର ପ୍ରଦେଶରେ ଏକ ଅତ୍ୟାଧୁନିକ ଜଟାୟୁ ସଂରକ୍ଷଣ ଓ ପ୍ରଜନନ କେନ୍ଦ୍ର (ଜେସିବିସି) ପ୍ରତିଷ୍ଠା କରାଯାଇଥିଲା ।

ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ଅନୁଯାୟୀ ଏସୀୟ ଶାଗୁଣାକୁ ସୁରକ୍ଷିତ କରାଯାଇଛି ଓ ଆନ୍ତର୍ଜାତୀୟ ସଂରକ୍ଷଣ ପ୍ରକୃତି (**IUCN**) ଦ୍ୱାରା ଗୁରୁତର ଭାବରେ ବିପଦପୂର୍ଣ୍ଣ ତାଲିକାଭୁକ୍ତ ହୋଇଛି । ପ୍ରଜାତିର ସ୍ଥାୟୀ ସଂରକ୍ଷଣକୁ ସୁରକ୍ଷିତ ରଖିବା ପାଇଁ ଜାଟାୟୁ ସଂରକ୍ଷଣ ଏବଂ ପ୍ରଜନନ କେନ୍ଦ୍ର (**JCBC**) ପନ୍ଦର ବର୍ଷ ମଧ୍ୟରେ ଅତି କମରେ ଚାଳିଶଟି ଶାଗୁଣାକୁ ବନ୍ଦୀତ୍ୱରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି । ବୈଷୟିକ ମାର୍ଗଦର୍ଶନ ପାଇଁ ବନ ବିଭାଗ ମୁମ୍ବାଇ ପ୍ରାକୃତିକ ଇତିହାସ ସୋସାଇଟି ସହ ସହଭାଗୀ ହୋଇଛି । ୨୦୦୧ରେ ହରିୟାଣାର ପିଞ୍ଜୋରରେ ଏକ ଶାଗୁଣା କେୟାର ସେଣ୍ଟର ପ୍ରତିଷ୍ଠା କରାଯାଇଥିଲା । ଭାରତରେ ବର୍ତ୍ତମାନ ଦୁଇଟି ଶାଗୁଣା ସଂରକ୍ଷଣ ଏବଂ ପ୍ରଜନନ କେନ୍ଦ୍ର (ଭିସିବିସି) ଅଛି । ସେଥିମଧ୍ୟରୁ ତିନୋଟି ବମ୍ବେ ପ୍ରାକୃତିକ ଇତିହାସ ସମାଜ ଦ୍ୱାରା ପରିଚାଳିତ। କିନ୍ତୁ ଯଥେଷ୍ଟ ପ୍ରୟାସ ସତ୍ତ୍ୱେ ଆଶା କରାଯାଉଥିବା ଲକ୍ଷ୍ୟ ସଫଳତା ହାସଲ ହେଉନାହିଁ ।

ଭାରତରେ ନଅ ପ୍ରଜାତିର ଶାଗୁଣା ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଲୁପ୍ତ ହେବାକୁ ଯାଉଛନ୍ତି। ପରିସ୍ଥିତି ଅଶୁଭ, କାରଣ ଶାଗୁଣାର ପ୍ରଜନନ ହାର ବହୁତ ଧୀର ଅଟେ। ପାଞ୍ଚ ବର୍ଷ ପୂରଣ କରିବା ପରେ ସେମାନେ ଉର୍ବର ହୁଅନ୍ତି । ଥରେ ସେମାନେ ଏକ ଯୋଡି ଗଠନ କଲେ, ସେମାନେ ଜୀବନ ପାଇଁ ଏକାଠି ରୁହନ୍ତି ଏବଂ ଗୋଟିଏ ବର୍ଷରେ କେବଳ ଗୋଟିଏ ଅଣ୍ଡା ଦିଅନ୍ତି । ତେଣୁ ସେମାନଙ୍କର ସଂରକ୍ଷଣ ଏବଂ ସଂଖ୍ୟା ବୃଦ୍ଧି ଏକ ଧୀର ଓ କଷ୍ଟକର ପ୍ରକ୍ରିୟା ଭାବରେ ବିବେଚନା କରାଯାଏ । ଯେତେବେଳେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ଜୈବ ବିବିଧତା ଇକୋସିଷ୍ଟମରୁ ନଷ୍ଟ ହୋଇଯାଏ, ସେତେବେଳେ ତାକୁ ପୁନର୍ବାର ଉତ୍ପାଦନ କରିବା କଷ୍ଟସାଧ ନୁହେଁ କିନ୍ତୁ ଅସମ୍ଭବ ହୋଇଯାଏ । ତାହାହିଁ ଏକ ମାତ୍ର ସତ୍ୟ..!

ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫୧୪୭୫

# ଶିକ୍ଷକଙ୍କୁ ଶିକ୍ଷା ଦିଅ



### ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଆମ ଦେଶରେ ଭବିଷ୍ୟତ ନାଗରିକ ଗଠନର ପବିତ୍ର ମନ୍ଦିର ଭାବେ ଗ୍ରହଣ କରାଯାଇଥାଏ। କୋମଳମତି ଶିଶୁଟିଏ ଉପଯୁକ୍ତ ଶିକ୍ଷା ବଳରେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶରେ ଜଣେ ଉତ୍ତମ ବ୍ୟକ୍ତି ଭାବେ ମାନ୍ୟତା ପ୍ରାପ୍ତ ହୋଇଥାଏ । ଏଥିପାଇଁ ଶିକ୍ଷକ, ଗୁରୁଜୀ ସର୍ବଦା ପୂଜିତ ହୋଇଥାନ୍ତି। ମାତ୍ର କେତେକ ଶିକ୍ଷକଙ୍କ ଅନୁଚିତ ଆଚରଣ ଯୋଗୁଁ ଗୁରୁକୂଳ କଳଙ୍କିତ ହେଉଛି। କେଉଁଠି ଗୁରୁଙ୍କ କାମୁକ ଆଚରଣ ଯୋଗୁଁ ଗୁରୁ - ଶିଷ୍ୟ ସମ୍ପର୍କ କଳଙ୍କିତ ହୋଇଥିବାବେଳେ କେଉଁଠି ଶିକ୍ଷକଙ୍କ ଉଗ୍ର ଜାତିଆଣ ସାଂପ୍ରଦାୟିକ ମନୋଭାବ ଯୋଗୁଁ ଶିକ୍ଷକ ସମାଜ ନିନ୍ଦିତ ହେବା ସହ ସମାଜରେ ଉଗ୍ର ସାଂପ୍ରଦାୟିକ ହିଂସାର ବିଷ ବୁଣି ଦେଉଛି। ନିକଟରେ ଉତରପ୍ରଦେଶର ଜଣେ ଶିକ୍ଷକଙ୍କ ଆଚରଣ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବା ଘଟଣା ବୋଧହୁଏ କେହି ମନରୁ ପାଶୋରି ନଥିଲେ। ଉତର ପ୍ରଦେଶରେ ମୁଜାଫରନଗରରେ ଗୋଟିଏ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଙ୍କୁ ଅନ୍ୟ ସଂପ୍ରଦାୟର ଛାତ୍ରମାନଙ୍କ ଦ୍ୱାରା ଜଣକ ପରେ ଜଣେ ଛାତ୍ର ଚାପଡା ମାରି ଅଚେତ କରାଇଦେବା ଘଟଣା ଘଟିଥିଲା। ଯେଉଁଥିରେ ଛାତ୍ର ଜଣକ ଗୁରୁତର ଭାବେ ଆହତ ହୋଇ ହସପିଟାଲରେ ଭର୍ତୀ ହୋଇଥିଲେ। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନର ବର୍ତମାନ ସୁଦ୍ଧା ଗ୍ରହଣ କରାଯାଇନାହିଁ। ପୋଲିସ ଭାରତୀୟ ଦଣ୍ଡବିଧି ଆଇନ ଅନୁସାରେ କେବଳ ଗୋଟିଏ ମାମଲା ରୁଜୁ କରି ନୀରବ ରହିଛି। ଶିକ୍ଷକଙ୍କୁ ଗିରଫ କରାଯାଇନାହିଁ। ତେବେ ସମ୍ପୃକ୍ତ ଶିକ୍ଷକଙ୍କ ଆଚରଣ ଯେ ଭେଦଭାବପୂର୍ଣ୍ଣ ଏବଂ ଉଗ୍ର ସାଂପ୍ରଦାୟିକ, ଏହା ନିସନ୍ଦେହରେ କୁହାଯାଇପାରିବ।

ଏହି ଘଟଣାରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଶିଶୁ ସୁରକ୍ଷା ଜାତୀୟ କମିଶନ କେବଳ ଗୋଟିଏ ନୋଟିସ ଜାରି କରିଥିବାବେଳେ ରାଜ୍ୟ ସରକାର କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ନିଜର କାର୍ଯ୍ୟ ସାରି ଦେଇଛନ୍ତି। ଏବେ ବି ସମ୍ପୃକ୍ତ ଶିକ୍ଷକ ନିଜ ଆଚରଣକୁ ଯଥାର୍ଥ ବୋଲି ଦର୍ଶାଉଥିବା ବେଳେ ତାଙ୍କୁ କାହିଁକି ଗିରଫ କରାଯାଇନାହିଁ, ତାହା ବୁଝାପଡୁନାହିଁ। ଏହା ନିଶ୍ଚିତ ଯେ, ଉତ୍ତର ପ୍ରଦେଶରେ କ୍ଷମତାସୀନ ସରକାରଙ୍କର ତାଙ୍କ ଉପରେ ଆର୍ଶୀର୍ବାଦ ରହିଥିବା ଅଭିଯୋଗ ହୁଏ। କେବଳ ଏହି ଗୋଟିଏ ଘଟଣା ନୁହେଁ। ଜାମ୍ମୁ-କାଶ୍ମୀରରେ ଜଣେ ଛାତ୍ର ଶ୍ରେଣୀ ବ୍ଲାକବୋର୍ଡରେ ଜୟଶ୍ରୀରାମ ଲେଖିଦେବାରୁ ସ୍କୁଲର ଛାତ୍ରଜଣଙ୍କୁ ବେତ୍ରାଘାତ କରିଥିଲେ। ଅବଶ୍ୟ ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇଥିଲା। ଏହା ନିଶ୍ଚିତ ଯେ, ଏହି ଦୁଇଟି ଘଟଣା ଉଗ୍ର ସାଂପ୍ରଦାୟିକ ଭେଦଭାବ ସୃଷ୍ଟିର ପରିଚାୟକ ଥିଲା। ପ୍ରଥମ ଘଟଣାଟିରେ ଛାତ୍ର ଜଣକ ମୁସଲିମ୍ ସଂପ୍ରଦାୟର ଥିବାବେଳେ ଦ୍ୱିତୀୟ ଘଟଣାଟିରେ ଛାତ୍ର ଜଣକ ହିନ୍ଦୁ ଥିଲା। କହିବା ବାହୁଲ୍ୟ ଯେ, ଆମ ଦେଶରେ ବିଦ୍ୟାଳୟଗୁଡିକରେ ଶିକ୍ଷକମାନଙ୍କ ମଧ୍ୟରେ ଉଚ୍ଚନୀଚ ଜାତିଆଣ ଭାବେ ତୀବ୍ର ରହିଥିଲା। ଯେଉଁଥିପାଇଁ କି ଶିକ୍ଷକମାନେ ଅସବର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବେତଫିଙ୍ଗି ଦଣ୍ଡ ଦେଉଥିଲେ। ତେବେ ଏଭଳି ଆଚରଣରେ ସମ୍ପୂର୍ଣ୍ଣ ଅବସାନ ଘଟିଥିବା ବେଳେ ହିନ୍ଦୁ-ମୁସଲିମ୍-ଖ୍ରୀଷ୍ଟିଆନ ସାଂପ୍ରଦାୟିକ ମନୋଭାବ ଏବେ ଶିକ୍ଷାନୁଷ୍ଠାନରେ ଉଗ୍ରରୂପ ନେବାରେ ଲାଗିଛି। ବିଶେଷ କରି ସଂଖ୍ୟା ଲଘୁ ସଂପ୍ରଦାୟର ଶିକ୍ଷାନୁଷ୍ଠାନରେ ହିନ୍ଦୁ ବିରୋଧି ଶିକ୍ଷା ଦିଆଯାଉଥିବା ଅଭିଯୋଗ ବଢିବାରେ ଲାଗିଛି। କେବଳ ସ୍କୁଲ ବା କଲେଜ ନୁହେଁ ଦେଶର ଖ୍ୟାତନାମା ବିଶ୍ୱବିଦ୍ୟାଳୟ ଏବଂ ଆଇଟିଆଇ ପ୍ରତିଷ୍ଠାନଗୁଡିକରେ ବାଛବିଚାର, ଘୃଣା, ଅସହିଷ୍ଣୁତା ମଧ ବଢିବାରେ ଲାଗିଛି। ଯାହାର ପ୍ରତିଫଳନ ସ୍ୱରୁପ ଦେଶରେ ଏବେ ଭିଡ ହିଂସାର ବହ୍ନି ବ୍ୟାପିବାରେ ଲାଗିଛି। ଏହା ସତ୍ୟ ଯେ, ଆମ ଦେଶରେ ଶିକ୍ଷାନୁଷ୍ଠାନ ମର୍ଯ୍ୟଦା ସ୍ୱତନ୍ତ୍ର ଏବଂ ଶିକ୍ଷକଙ୍କର ସମ୍ମାନ ବହୁ ଉଚ୍ଚରେ। ଶିକ୍ଷାନୁଷ୍ଠାନ ହେଉଛି, ଭବିଷ୍ୟତ ନାଗରିକ, ପ୍ରତିଭା ଗଠନର ପ୍ରଥମ ସୋପାନ। ଯେଉଁ ସ୍ଥାନ କି ଅଲଙ୍ଘିତ, ଅକଳୁଷିତ ସ୍ଥାନ ଭାବେ ପରିଚିତ। ଯେଉଁଠାରେ କି ଦେଶର ଭବିଷ୍ୟତ ଓ ପ୍ରତିଭା ବିକଶିତ ହୋଇଥାଏ। ଯୁବପିଢି ତାଙ୍କର ଭବିଷ୍ୟତ ଆଶା ଆକାଙ୍କ୍ଷାକୁ ବାସ୍ତବତାର ରୂପ ଦେଇଥାନ୍ତି। ତେବେ କେତେକ ଶିକ୍ଷକଙ୍କ ଉଗ୍ର ଜାତିଆଣ ଭାବ ଯୋଗୁଁ ଛାତ୍ରଛାତ୍ରୀ ବିପଥଗାମୀ ହୋଇଥାନ୍ତି, ହେବା ସ୍ୱଭାବିକ ମଧ। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଧାର୍ମିକ, ଧର୍ମଗତ ପରିଚୟ ଦେବା ନିଶ୍ଚିତ ଭାବେ ନିନ୍ଦନୀୟ। ଶିକ୍ଷକମାନଙ୍କର ଏଭଳି ଆଚରଣକୁ ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ। ସେମାନଙ୍କ ବିରୁଦ୍ଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ। ତେବେ ଉଗ୍ର ଜାତିଆଣ ମନୋଭାବ ପ୍ରଦର୍ଶନ କରୁଥିବା ଶିକ୍ଷକମାନଙ୍କୁ ଏଭଳି ଆଚରଣ ପରିହାର ପାଇଁ ପ୍ରଥମେ ଏନେଇ ଶିକ୍ଷା ଦିଆଯିବା ଉଚିତ୍।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯




## ଆଉ ଶୁଭୁନାହିଁ



### ପ୍ରଦୀପ୍ତ କୁମାର ଦାସ

ଆଉ ଶୁଭୁନାହିଁ ଘରଚଟିଆର
କିଚିରି ମିଚିରି ଗୀତ-
ଆଉ ଆସୁନାହିଁ ଗୋହିରା ପାଟକୁ
ଶଙ୍ଖଚିଲ ପରି ମିତ,

ଆଉ କହୁନାହିଁ ଜେଜେମାଆ ମୋର
ବାଇଚଢ଼େଇର ଗପ-
ଆଉ ବହୁନାହିଁ କରଞ୍ଜ ଗଛରୁ
ଖାଣ୍ଟି ମହୁ ଥପ ଥପ,

ଆଉ ଆସୁନାହିଁ ଶାଳିଆପତିନି
ସଞ୍ଜ ନଇଁଗଲା ପରେ-
ଆଉ ଆଣୁନାହିଁ ମାଛ ମାରି ଓଧ
ନିଜ ମୁନିବର ଘରେ,

ଆଉ ମିଳୁନାହିଁ କିଆବୁଦା ମୂଳେ-
କୋକିଶିଆଳିର ଭେଟ-
ଆଉ ଉଡୁନାହିଁ ଭଦଭଦଳିଆ
ଦିଶୁନି ତା ଛୋଟ ପେଟ,

ଆଉ ଶୋଉନାହିଁ ବିଲ ହିଡେ ସଂଜେ
ସେ ଶଙ୍ଖାମୁଠିଆ ରଣା-
ଆଉ ଦିଶୁନାହିଁ ସାଧବବୋହୂଟା
ହୋଇଛି ସେ ବାଟବଣା ।

+ କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ:୮୫୯୪୮୮୫୮୯୮

## ସିଏ ତ ଗୋଟିଏ ମାଆ



### ହରେରାମ ପଣ୍ଡା

ଶିବ ପୂଜି ମାଆ ପାଇଥିଲା କୋଳେ
ଦୁଇ ପୁଅ ପୁଣି ଗୋଟିଏ ଝିଅ,
ସହିଛି କେତେ ଯେ ଗରଭ ବେଦନା
ତାକୁ ବୁଝିଲେନି ପୁଅ କି ଝିଅ ।

ସ୍ୱାମୀ ଚାଲିଗଲେ ଅଧାବାଟେ ଛାଡ଼ି
ଦୁଃଖ ସାଗରରେ ଭସେଇ ଦେଇ,
ପରଘରେ ମୂଲ ମେହେନତ କରି
ଛୁଆଙ୍କୁ ଅଧାର ଥାଏ ଯୋଗାଇ ।

ପାଠ ପଢି ପିଲା ବଡ଼ ହୋଇଗଲେ
ମାଆର ଆଖିରେ ଶହେ ସପନ,
ପୁଅ ଝିଅ ବାହା କାମ ସରିଗଲା
ହୋଇଲା ବୁଢ଼ୀର କପାଳ ବାମ ।

ଚାକିରିଆ ପୁଅ, ବୋହୂ,
ଝିଅ, ଜୋଇଁ
ଯେ ଯାହା ଜାଗାରେ ରହିଲେ ଯାଇଁ,
ଭଙ୍ଗା ଚାଳି ତଳେ ଦିନ କାଟେ ବୁଢ଼ୀ
ତା ' କଥା କାହାରି ମନରେ ନାହିଁ ।

ଯେଉଁ ମାଆ ଦିନେ ଉପାସରେ ରହି
ସମସ୍ତଙ୍କୁ ଥିଲା ଦାନା ଯୋଗାଇ,
ସେଇମାନଙ୍କର ନାହିଁ ମନୋଭାବ
ଗୋଟିଏ ମାଆକୁ ପୋଷିବା ପାଇଁ ।

ପରଘରେ ଆଜି କାମକରେ ବୁଢ଼ୀ
ପେଟ ଚାଖଣ୍ଡକ ପୂରିବା ପାଇଁ,
ସଡ଼କ କଡ଼ରେ ବିକେ ଫଳମୂଳ
ଜରାଶ୍ରମ ଆଡ଼େ ଥାଏ ଅନେଇ ।

ଆଇନ୍ କହୁଛି ଏପରି ସନ୍ତାନ
କଠୋର ଭାବରେ ଦଣ୍ଡିତ ହେବେ,
ଆପଣା ସନ୍ତାନେ ଦଣ୍ଡ ଦେବାପାଇଁ
କେଉଁ ପିତାମାତା କେବେ
ଚାହିଁବେ ?

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

## ଶେଫାଳି



### କଳ୍ପନା ମିଶ୍ର

ଗୋଟିଏ ରାତିର ନାୟିକା ସୁନ୍ଦରୀ
କୋଟିଏ ସପନ ନେଇ
ଚୌଦିଗେ ମହକ ବିଞ୍ଚି ବିଞ୍ଚି ତୁମେ
ଆସ ଧରାକୁ ଓଲ୍ହାଇ ।

ମହୁଆ ମହକେ ପ୍ରଲୁବ୍ଧ କରାଅ
ତୁମେ ସ୍ୱର୍ଗ ପାରିଜାତ
କୋମଳ ଶରୀରେ ଅପୂର୍ବ ସୌନ୍ଦର୍ଯ୍ୟ
ସୁଗନ୍ଧିତ କର ରାତ୍ର ।

ଅଭିସାରିକା ଗୋ ଲାସ୍ୟମୟୀ ତୁମେ
ପୀରତି ପ୍ରଣୟ ମଧୁ
ପିୟାସୀ ଆଖିର ମାଦକତା ତୁମେ
କବି କଳ୍ପନାର ଇନ୍ଦୁ ।

ଦିବ୍ୟ ପୁଷ୍ପ ମଧ୍ୟେ ତୁମେ ଗୋ
ଅନନ୍ୟା
ଲାସ୍ୟମୟୀ ହାସ୍ୟମୟୀ
ମୃଦୁ ଗନ୍ଧା ଆଗୋ ରୂପର ରୂପସୀ
ବିଭାବରୀର ପ୍ରଣୟୀ ।

ଅଙ୍ଗେ ଅଙ୍ଗେ ତୁମ କୋଟିଏ ସୁଷମା
ପ୍ରୀତିର ମଧୁଜୋଛନା
ସ୍ୱପ୍ନ ଭିଜା ରାତି ମଧୁ ଚନ୍ଦ୍ରିକାରେ
କଳ୍ପନା ରେ କଳ୍ପଲଗ୍ନା ।

+ ହରିପୁର,ସୁକିନ୍ଦା,
ଯାଜପୁର-୭୫୫୦୧୮
ମୋ: ୮୮୪୭୮୪୯୦୯୩

## ମିଛେଇ ବୋହୂ

### ଡ଼ ଦୀପକ କୁମାର ମିଶ୍ର

ଏ ଝିଅମାନେ ସବୁ ବିବାହ ପୂର୍ବରୁ
ମାରିଥାନ୍ତି ଭାରି ଫୁଟାଣୀ
ଶାଶୁଶ୍ୱଶୁରଙ୍କ ସେବାରେ କେବେ
ଅବହେଳା ଯମା କରିବୁନି !

ବିବାହ ପୂର୍ବରୁ ଝିଅ ମାନେ ସବୁ
କୁହନ୍ତି ଏମିତିକା କଥା
ବିବାହ ଥରେ ସରିଗଲା ପରେ
ବଢାଅନ୍ତି ମୁଣ୍ଡ ବ୍ୟଥା !

ଶାଶୁଶ୍ୱଶୁରଙ୍କୁ ପଚାରନ୍ତି ନାହିଁ
ଦିଅନ୍ତିନି ମୁଠେ ଖାଇବା
ରୋଗେ ପଡ଼ିଥିଲେ ଘୃଣା କରି
କରନ୍ତିନି ସେବା ଶୁଶ୍ରୁଷା !

ଆଜିକାଲି ବୋହୂ ଏମିତି କଦର୍ଯ୍ୟ
ବ୍ୟବହାର ଯେ କରନ୍ତି
ସେଇଥିପାଇଁକି ବୃଦ୍ଧାଆଶ୍ରମକୁ
ସୁରକ୍ଷିତ ସବୁ ମଣନ୍ତି !

ଥରେ ଚିନ୍ତାକର ଆଜି ମହାରାଣୀ
ଯାହା ପାଇଁ ବୋଲାଉଛ
ସେହି ପୁଅଟିକୁ କେତେ କଷ୍ଟସହି
ବାପାମା ମଣିଷ କରିଛ !

ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଢେଙ୍କାନାଳ-୭୫୯୦୨୧
ମୋ : ୮୬୩୭୨୬୧୮୨୮









## ସୁଧାଂଶୁ ଶେଖର ଦ୍ୱିବେଦୀ

# ।। ବାଘ ଆସିଲାଣି ।।



ଜଙ୍ଗଲ ଭିତର ଦେଇ ଗଲେ ରାସ୍ତା ଅଳ୍ପ ହେବ ବୋଲି ଜଣେ ସାଧୁ ଚଞ୍ଚଳ ପାଦ ପକେଇ ଆଗକୁ ବଢୁଥାନ୍ତି ।ସହସା ତାଙ୍କ ସମ୍ମୁଖରେ ଗୋଟେ ମହାବଳ ବାଘ ଆସୁଥିବାର ଦେଖି ଆଗକୁ ବଢ଼ିବେ କଣ ସେଇଠି ଠିଆହୋଇ ଥରିବାକୁ ଲାଗିଲେ ।ବାଘ ତାଙ୍କର ଯେତେ ନିକଟତର ହେଉଥାଏ ସେ ସେତେ ଜୋର ଭଗବାନଙ୍କ ନାମ ସଂକୀର୍ତ୍ତନ କରୁଥାନ୍ତି ।ହଠାତ ତାଙ୍କ ମନରେ ଏକ ଉପାୟ ଆସିଲା ।ସେ ଭାବିଲେ-ବାଘ ହାବୁଡ଼ରେ ପଡିଛି ମାନେ ମରିବି ତ ନିଶ୍ଚୟ କିନ୍ତୁ ଯଦି କିଛି ଉପାୟ କରି ବର୍ତ୍ତି ଯିବି ତାହେଲେ ମୋ ଭାଗ୍ୟ ।

ବାଘ ଯେମିତି ତାଙ୍କ ନିକଟରେ ପହଞ୍ଚିଛି ସାଧୁ ଖୁବଜୋର ତାଳି ମାରି ନାଚିବାକୁ ଲାଗିଲେ ।ସାଧୁଙ୍କର ଉଦଣ୍ଡ ନୃତ୍ୟ ଦେଖି ବାଘ ଆଶ୍ଚର୍ଯ୍ୟ ମୁଦ୍ରାରେ ରହି କହିଲା- କଥା କଣ ବାବା !ଏମିତି ତାଣ୍ଡବ ନୃତ୍ୟ କଣପାଇଁ କରୁଛ ?ତୁମକୁ କଣ ଜଣାନାହିଁ ଆଉ ଅଳ୍ପ ସମୟ ପରେ ମୋର ଆହାର ହେବ ?

ଏଥର ସାଧୁ ଦମ୍ଭଧରି ଛେପ ଢ଼ୋକି କହିଲେ- ତୁ କଣ ଜାଣିନୁ ମୁଁ ପ୍ରତିଦିନ ଗୋଟେ ଲେଖାଏଁ ବାଘ ଖାଏ ।ଗତ କାଲିରୁ ମୋ ମୁଣିରେ ଗୋଟେ ବାଘ ଧରି ରଖିଛି ।ହେଲେ ସେଇଟା ମୋ ପାଇଁ ଯଥେଷ୍ଟ ନୁହେଁ ।ମୋର ଆଉ ଗୋଟେ ବାଘ ଦରକାର ।

ସାଧୁଙ୍କ ମୁହଁରୁ ଏଭଳି କଥା ଶୁଣି ବାଘ ମନେ ମନେ ଘାବରେଇ ଗଲା ।କିନ୍ତୁ ତାକୁ ବିଶ୍ୱାସ ହେଉନଥାଏ ।ମଣିଷ କୋଉ ଦିନରୁ ବାଘ ଖାଇଲାଣି ଯେ ମୋତେ ପାଠ ପଢଉଛି !ମନ କଥା ମନରେ ଭାବି କହିଲା- ଆଚ୍ଛା ସାଧୁବାବା !ତୁମ ମୁଣିରେ ଥିବା ବାଘକୁ ଦେଖେଇଲ ?

ଏବେ ଦେଖଉଛି ରହ କହି ସାଧୁ ତାଙ୍କ ମୁଣିରେ ଥିବା ଆଇନାକୁ ବାହାର ନ କରି ମୁଣି ମୁହଁ ନିକଟରେ ଧରି କହିଲେ-ଏଇ ଦେଖ !ଦେଖ !ଏ ସେଇ ବାଘ ଯାହାକୁ ମୁଁ ଗତ କାଲିରୁ ଧରି ରଖିଛି ।

ବାଘ ଯେମିତି ମୁଣି ମୁହଁରେ ନିଜ ପ୍ରତିଛବି ଦେଖିଛି ରାଗରେ ଗରଗର ହେଲା ।ଆଇନାରେ ତା ଛବି ମଧ ଗରଗର ହେଲା ।ବାଘ ହାଇ ମାରିଲା ।ଆଇନାରେ ତା ଛବି ହାଇ ମାରିଲା ।ବାଘ ଯେମିତି କରୁଥାଏ ଆଇନାରେ ତା' ଛବି ସେମିତି କରୁଥାଏ ।ଏବେ ତାକୁ ବିଶ୍ୱାସ ହେଲା ସତରେ ସାଧୁଙ୍କ ମୁଣିରେ ଗୋଟେ ବାଘ ଅଛି ।

ଜୀବନ ବିକଳରେ ଘାଉଁ ଘାଉଁ ହୋଇ ଜଙ୍ଗଲ ଭିତରକୁ ଦୌଡ଼ିଲା ।

ସିଧା ଯାଇ ଜଙ୍ଗଲ ରାଜା ଗଜରାଜ ନିକଟରେ ସବୁ ଘଟଣା ଜଣାଇଲା ।ବାଘ ମୁଖରୁ ଏଭଳି ଏକ ଦୁର୍ଘଟଣା ଶୁଣି ରାଜାଧିରାଜ ମହା ବଳଶାଳୀ ଗଜରାଜ ଗର୍ଜନ କରି କହିଲା- ତୁ-ଟା ମୂର୍ଖ !ଭୀରୁ,ଡରକୁଳା, ।ମଣିଷ କୋଉଠି ବାଘକୁ ଖଇବା ଶୁଣିଛୁ ?ଚାଲ ମୋ ସାଙ୍ଗରେ !ଆଜି ସେ ସାଧୁକୁ ଖାଇ ଉଦର ଶାନ୍ତି କରିବି ।

ଜଙ୍ଗଲ ମଧରେ ଥିବା ଅନ୍ୟ ବାଘମାନଙ୍କୁ ଖବର ଦିଆଗଲା ।ଗଜ ରାଜଙ୍କ ସହିତ ବାଘମାନେ ମେଳି ବାନ୍ଧି ସାଧୁ ନିକଟକୁ ଆସିଲେ ।

ସେମାନେ ସାଧୁଙ୍କ ନିକଟକୁ ଆସିବା ପୂର୍ବରୁ ଜଣେ କାଠୁରିଆ ସହିତ ତାଙ୍କର ଦେଖା ହେଇଗଲା ।ସାଧୁ କାଠୁରିଆକୁ ବାଘର କାହାଣୀ ଶୁଣାଉଥାନ୍ତି ଏତିକିବେଳେ ଗଜରାଜ ଓ ବାଘର ମେଳି

ସେଠାରେ ପହଞ୍ଚିଲେ ।କାଠୁରିଆ ଏତେଗୁଡିଏ ବାଘ ଓ ଗଜରାଜକୁ ଦେଖି ଭୟରେ କୁରାଢୀ ଫିଙ୍ଗି ଗଛ ଉପରେ ଚଢ଼ିଗଲା ।ସାଧୁ ଗଛ ଚଢ଼ିବା ଜାଣି ନଥାନ୍ତି ।ତେଣୁ ସେ ଗଛ କଡ଼ରେ ଛପିରହିଲେ ।ଯେଉଁ ବାଘଟି ସାଧୁଙ୍କଠାରୁ ଜୀବନ ବଞ୍ଚେଇ ପଳାଇ ଯାଇଥିଲା ସେ ଗଜ ରାଜକୁ କହିଲା- ଏଇ ଦେଖନ୍ତୁ ମହାରାଜ !ପ୍ରଥମେ ଏଠି ଜଣେ ସାଧୁ ଥିଲା ।ଏବେ ଆଉ ଜଣେ ଆସିଗଲାଣି ।ଜଣେ ଗଛ କଡ଼ରେ ଚପିଛି ଆଉ ଜଣେ ଗଛ ଉପରେ ।ମୋତେ ଭାରି ଭୟ ଲାଗୁଛି,ଚାଲନ୍ତୁ ପଳାଇବା ।

ଗଜରାଜ ଗର୍ଜନ କରି କହିଲା-ଭାକ ଡ଼ରକୁଳା !ହେଲେ ମୁଁ କାହାକୁ ଡ଼ରେ ନାହିଁ ।ଏହା କହିବା ସହିତ ଗଜରାଜ ସଦର୍ପରେ ଗଛ ନିକଟ କୁ ଆଗେଇଲା ।ସାଧୁ ଏବଂ କାଠୁରିଆ ନିଜ ଜୀବନ ବଞ୍ଚାଇବାକୁ ପ୍ରାଣପଣେ ଚେଷ୍ଟା କରୁଥାନ୍ତି ।ଏତିକିବେଳେ ଗଛ ଉପରେ ଥିବା କାଠୁରିଆକୁ ଜନ୍ଦାଟିଏ କାମୁଡ଼ିଦେଲା ।ବିଚରା

ମଆଲୋ ବୋଲି ଚିତ୍କାର କରି ତଳେ କଚାଡି ପଡ଼ିଲା ।କାଠୁରିଆ

ତଳେ ପଡିବା ଦେଖି ସାଧୁ ଜୋରରେ ଚିତ୍କାର କରି କହିଲେ- ମୁଁ ମୁଣି ଖୋଲି ରଖିଛି ତୁ ଗଜରାଜକୁ ଶୀଘ୍ର ଧରିଆଣ ।

ସାଧୁଙ୍କ ଚିତ୍କାର ଶୁଣି ଗଜରାଜର ହାଲୁକ ଶୁଖିଗଲା ।ତାପରେ ସେ ଜଙ୍ଗଲ ଭିତରକୁ ଏମିତି ଦୌଡ଼ିବାକୁ ଲାଗିଲା ଯେ ଆଉ ପଛକୁ ଫେରି ଚାହିଁଲା ନାହିଁ ।ତା' ପଛେ ପଛେ ବାଘମାନେ ବି ଅତର୍ଚ୍ଛିଆ ଦୌଡ଼ିବାକୁ ଲାଗିଲେ ।ଉପସ୍ଥିତ ବୁଦ୍ଧି ଯୋଗୁଁ ସାଧୁ ଓ କାଠୁରିଆ ବାଘ ଓ ସିଂହ ମୁହଁରୁ ବର୍ତ୍ତିଗଲେ ।

ବିସି-୭୪,ସଲଟ ଲେକ
କଲକତା-୬୪
ମୋ-୯୬୮୧୩୭୩୫୧୨

## ଆମେ ଭାଇ ଭଉଣୀ.....

ରମେଶ ଚନ୍ଦ୍ର ନାୟକ

ଆମେରେ ଦୁହେଁ ଭାଇ ଭଉଣୀ
ଗୋଟିଏ ମାଆଠୁ ଜାତ
ଏକାଠି ଖାଉ ଏକାଠି ଖେଳୁ
ନାହିଁତ ଭାବନା ଭେଦ ।

ଆମେରେ ଦୁହେଁ ନୀଳ ଆକାଶେ
ସୂରୁଜ ଆଉ ଚାନ୍ଦ
ବାପା ମାଆଙ୍କୁ ସମ୍ମାନ ଦେଉ
ନରଖି କପଟ ଛନ୍ଦ ।

ବାପା କାନ୍ଧେଇ ନେଲେ ବୁଲେଇ
ମାଆ କାଖେଇ ଦେଲେ ଖୁଆଇ
ଖାଇ ଦେଉ ସବୁ ଭାତ ।

ଆମେରେ ଦୁହେଁ ଦୁଇଟି ଫୁଲ
ଗୋଟିଏ ଗଛରେ ଝୁଲୁ
ଏକାଠି ବସି ମାଆ କୋଳରେ
ଟୁଆଁ ଟୋଇଁ ଗପ ଶୁଣୁ ।

ପିଠିରେ ମାଆ ଦେଲେ ଆଉଁସି
କାନି ପଣତେ ମୁହଁଟି ଖୋସି
ଶୋଇଯାଉ ଶୁଣି ଗୀତ ।

ଆମେରେ ଦୁହେଁ ଠାକୁର ଘରେ
ଗଣେଶ ସରସ୍ୱତୀ
ପୁସ୍ତକ ଆମ ଉତ୍ତମ ବନ୍ଧୁ
ପଢୁତ ତାକୁ ନିତି ।

ପାଖରେ ଆମ ଗୁରୁଜୀ ରହି
ଅବୁଝା ପାଠ ଦେଲେ ବୁଝାଇ
ଭୟ ହୁଏ ଦୂରୀଭୂତ ।

ଆମେରେ ଦୁହେଁ ମାଟି ମା କୋଳେ
ଝରଣା ଆଉ ନଈ
ଦୁଃଖକୁ ଶୋଷି ସୁଖ ପସରା
ଦୁନିଆକୁ ଥାଉ ଦେଇ ।

ଆସଇ ଯେବେ ଜୀବନେ ବାତ୍ୟା
ଭାଇ ହାତରେ ରେସମୀ ସୂତା
ରକ୍ଷା କରେ ଜଗନ୍ନାଥ ।

କେଶରପୁର ,
ବକ୍ସି ବଜାର ,
କଟକ
ମୋ: ୭୯୭୮୧୫୧୭୧୦.

## କବିତା
ତୁମ ପାଇଁ



### ବିଲୁଆ ବିଚାର

ସୁଧାକର ସେଠୀ

ହାତୀ ଘୋଡାଙ୍କ ବସିଲାମେଳି
କିଏ ହେବ ଜଙ୍ଗଲ ରାଜା
ଯୁଦ୍ଧ କ୍ଷେତ୍ରରେ ଆଗୁଆ ଦିହେଁ
ବାକି ସବୁ ହେବେ ପରଜା ।

କେତେ ଅସ୍ତ୍ରଶସ୍ତ୍ର ଧରି ଦୌଡୁଛୁ
ବାଘ ଭାଲୁକି ପାରିବେ
ସିହଂତସିନା ରାଜା ହେଇଛି
କିଛି ବୁଦ୍ଧିନାହିଁ ତା ମୁଣ୍ଡରେ ।

ଘୋଡା କହିଲା ହାତୀ ମଇତ୍ର
ତୁମେ ହୁଅ ରଜା ଆମର
ବିଶାଳ ବପୁ ଦେଖିବ ଯିଏ
ଭୟରେ କରିବ ଜୁହାର ।

ହାତୀ କହିଲା ଘୋଡା ଭାଇନା
କଥାଟି କହିଲୁ ଖାସା
ରାଜା ହେଲେ ମୁଁ ତୁମ ମୁଣ୍ଡରେ
ପାଗ ଭିଡିବି ପକ୍କା ।

ଦିହେଁ ହେବା ରାଜା ମନ୍ତିରୀ
ଜଙ୍ଗଲ ହେବ ଆମର
ଶତ୍ରୁ ସୈନିକ ଆମକୁ ଦେଖି
ମାଡିବେନି ଆମ ଦୁଆର ।

ଏମିତି ଚାଲିଛି ବିଲୁଆ ବିଚାର
ଥୋକେ ପଶୁଙ୍କ ସହିତ
ପଞ୍ଚ ବରଷିଆ ଯୋଜନା ବି
ହୋଇ ସାରିଛି ପାରିତ ।

କୋଉଁଠି ଥିଲା ସିଂହବାପୁଡା
ମାରିଲା ଗୋଟେ ରଡି
ଯିଏ ଯେଉଁଠି ଥିଲେ ସେଇଠି
ସେ ସ୍ଥାନ ଦେଲେ ଛାଡି ।

ଘୋଡା କହିଲା ଲାଙ୍ଗୁଡ ଯାକି
ମୋର ଅଛି ଗୋଟେ କାମ
ଘୋଡାର ଏମିତି ଅବସ୍ଥା ଦେଖି
ଭଜିଲା ହାତୀ ରାମ ନାମ ।

ଓଟ ବାପୁଡା ସେନାପତି ହେବ
ପାଗକୁ ନେଇଥିଲା ଭିଡି
ରାଜା ମନ୍ତୀରିଙ୍କ ଅବସ୍ଥା ଦେଖି
ଧାଇଁଲା ଜାଗା ସେ ଛାଡି ।

ଦୂରେ ବସି ଚତୁର ବିଲୁଆ
କହିଲା ପଦିଏ କଥା
ବିରି ମାଡଦେଖି କୋଳଥ ଚୋପା
ନୁହେଁ ସେ କଥା ଅନ୍ୟଥା ।

+ଜୟେଶ୍ୱରପୁର,ବାଲେଶ୍ୱର
ମୋ: ୯୩୩୭୬୮୧୫୨୪

### ପିଙ୍କିପାଇଁ ନାନାବାୟା ଗୀତ

ନୀଳମଣି ଚାନ୍ଦ

ଡବାରେ ଥିଲା ଚେରି
ଦେଖିଲେ ପିଲେ ଘେରି
ରଙ୍ଗଟି ତା'ର ଲାଲ୍
ଖାଇଲା ପିଙ୍କି ପାଲ୍
କହିଲା ମିଠା ଭାରି
ଆଇ କହିଲେ ହେବରେ ଖ୍ୱରି
ଦେଏନା ସବୁ ସାରି ।
ଡବାରେ ଥିଲା କାଜୁ
ଦେଖିଲା ତା'କୁ ରାଜୁ
ହାତରେ ଦେଲା ଧରି
ତା ରଙ୍ଗ ଘିଅ ପରି
ସୁଆଦିଆ ତ ଲାଗେ
କାଜୁଟା ଭଲ ଦେହ ପାଇଁରେ
ପିଙ୍କିଟା ଆସି ମାଗେ ।
ଆଉ କରନା ଡେରି
ପିମ୍ପୁଡ଼ି ଯିବେ ଘେରି
ଦି ଦିଇଟା ଖାଅ
ଗୀତ ତିନିଟା ଗାଅ
ବାଜିଲାଣି ତ ଛଅ
ବହିଟି ଧରି ପଢ଼ରେ ପାଠ
ଉଠିବ ହେଲେ ନଅ ।

+୨୭, ମନ୍ତ ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ଅହଂକାରୀ ମାଙ୍କଡ

ମୂଳହିନ୍ଦୀ- ନିଧି ଭାର୍ଗବ ମାନବୀ
ଅନୁକୃତି - ବିନୟ କୁମାର ଦାସ



ଏକ ଜଙ୍ଗଲରେ ମାଙ୍କଡଟିଏ ଥିଲା । ତା ନାମ ଘିନୁଆ । ସେ ଭାରି ଅହଙ୍କାରୀ । କାହାକୁ କେବେ ସେ ଖାତିର କରୁନଥିଲା । ସେ ଯେଉଁ ଝଂକାଳିଆ ଆମ୍ବ ଗଛରେ ରହୁଥିଲା, ତା ଆଖପାଖକୁ କାହାକୁ ଆସିବାକୁ ଦେଉ ନଥିଲା । ଯଦି କେହି ଜନ୍ତୁ ସେଇ ବାଟେ ଯିବାର ଦେଖେ, ତାକୁ ଖିଙ୍କାରି ହେଉଥିଲା । ଯେମିତି ସେ ଆଉ କେବେ ସେବାଟେ ନ ଆସେ । ଅନ୍ୟ ମାଙ୍କଡଙ୍କ ସହିତ ବି ତାର ଭଲ ବ୍ୟବହାର ନ ଥିଲା । ବିନା କାରଣରେ କେବେ କାହାକୁ ବାଡେଇଲାଣି ତ କାହାକୁ ଗାଳିଗୁଲଜ କଲାଣି , ଏଇ ଥିଲା ତାର ନିତିଦିନିଆ କାମ । ସେ ଯେଉଁ ଆମ୍ବଗଛରେ ବାସ କରୁଥିଲା , ସେ ଗଛର ଆମ୍ବ ଖୁବ୍ ମିଠା ଆଉ ସ୍ୱାଦିଷ୍ଟ ଥିଲା , କିନ୍ତୁ ସେ କେବେ କାହାକୁ ସେ ଗଛରୁ ଆମ୍ବ ଖାଇବାକୁ ଦେଉ ନଥିଲା । ଏଇଥିପାଇଁ ସେ ଜଂଗଲର ଅନ୍ୟଜୀବଜନ୍ତୁ ବହୁତ ଦୁଃଖରେ ରହିଥିଲେ ।

ଘିନୁଆ ର ଅତି ଅନ୍ତରଂଗ ମାଙ୍କଡ ଥିଲା ମୁରାମ୍ । ସେ କେବେ କେବେ ତା ପାଖକୁ ଆସୁଥିଲା , କିଛି ସମୟ କଥା ହୋଇ ପଳାଇ ଯାଉଥିଲା , କାରଣ ଘିନୁଆ ସବୁବେଳେ ଅନ୍ୟ ଜୀବଜନ୍ତୁଙ୍କ ବିରୁଦ୍ଧରେ ହିଁ କଥା କହୁଥିଲା । ମୁରାମ୍ କୁ ଏହା ଆଦୌ ଭଲ ଲାଗୁ ନଥିଲା । ଥରେ ସେ ଘିନୁଆକୁ କହିଲା , ମିତ୍ର, ତୁମକୁ ଗୋଟେ କଥା କହିବାକୁ ଇଚ୍ଛା ହେଉଛି । ହେଲେ ମୁଁ ଜାଣିଛି , ତାହା ତୁମକୁ ଜମା ଭଲ ଲାଗିବ ନାହିଁ । ତଥାପି ତୁମ ଭଲ ପାଇଁ ସେତକ କହୁଛି । ତୁମେ ମୋ କଥାକୁ ଗ୍ରହଣ କରି ପାର , ନହିଲେ ନାହିଁ । କଥାଟା ହେଉଛି, ଆମେ ଜଂଗଲ ରେ ବାସ କରୁଛୁ । ଆମ ପ୍ରତି ସବୁବେଳେ ବିଭିନ୍ନ ପ୍ରକାର ର ଆପଦବିପଦ ରହିଛି । ବିପଦ ବେଳେ ପରସ୍ପର କୁ ସାହାଯ୍ୟ ସହଯୋଗ କଲେ ବିପଦ ଛାଏଁଛାଏଁ ତା ବାଟରେ ଚାଲିଯାଏ । ହେଲେ ତୁମେ ଅନ୍ୟମାନଙ୍କ ପ୍ରତି ଯେମିତି ବ୍ୟବହାର କରୁଛ , କିଛି ବିପଦ ବେଳେ ତୁମକୁ କେହି ସାହାଯ୍ୟ କରିବେ ନାହିଁ ।

ଏତକ ଶୁଣି ଘିନୁଆ କହିଲା....ହଉ , ସେତେବେଳେ ଦେଖା ଯିବ । ମୁରାମ୍ ଆଉ କିଛି ନକହି ସେଠାରୁ ଚାଲିଗଲା । ଆଉ ଦିନେ ଜଂଗଲର ବୟୋଜ୍ୟେଷ୍ଠ ମାଙ୍କଡ ବୁଦ୍ଧିରାମ ଘିନୁଆକୁ କହିଲା , ଏତେ ଅହଂକାର ଭଲ ନୁହେଁ ରେ । ଏଥିପାଇଁ ତୋତେ ଦିନେ ପସ୍ତେଇବାକୁ ପଡିବ । ତା କଥାକୁ ବି ଘିମୁଆ ଏ କାନରେ ପୂରାଇ ସେ କାନରେ ବାହାର କରିଦେଲା ।

ସମୟ କାହାରିକୁ ଅପେକ୍ଷା କରେ ନାହିଁ । ଘିନୁଆ ର ବଳ ବୟସ ହଟିଲା । ସେ କ୍ରମଶଃ ଦୁର୍ବଳ ହୋଇ ପଡିଲା । ତା ପୂର୍ବର ଶକ୍ତି ସାମର୍ଥ୍ୟ ହଜି ହଜି ଆସିଲା । ସେ କୁଆଡକୁ ଯିବା ଆସିବା କରି ପାରିଲା ନାହିଁ । ଖାଦ୍ୟ ସଂଗ୍ରହ କରି ନ ପାରିବାରୁ ଦିନେ ଦିନେ ତାକୁ ଉପାସ ରହିବାକୁ ବି ହେଲା । ପୁଣି ଥରେ ଝଡ ତୋଫାନଏତେ ଜୋରରେ ହେଲା ଯେ ଗଛମାନ ଉପୁଡି ପଡିଲା । ସେ ରହୁଥିବା ଆମ୍ବଗଛ ବି ଉପୁଡି ଗଲା । ସେ ବାସହରା ହୋଇଗଲା । ଝଡ ତୋଫାନରୁ ରକ୍ଷା ପାଇବା ପାଇଁ ଅନ୍ୟମାନେ ଆଉ ଏକ ପାଖ ଜଂଗଲକୁ ପଳାଇଗଲେ । ହେଲେ ଘିନୁଆ ଚାଲିବାକୁ ବଳ ନଥିବାରୁ କୁଆଡେ ଯାଇ ପାରିଲା ନାହିଁ । କେହି ତାକୁ ଅନାଇଲେ ନାହିଁ । ଏକୁଟିଆ ଦୁଃଖରେ ବସି ବସି ମନେମନେ ଭାବୁଥିଲା କେହି ତାକୁ ଧରାଧରି କରି ଅନ୍ୟ ଏକ ଜାଗାକୁ ନେଇ ଯାଆନ୍ତା କି ? ହେଲେ, ସେ ଜାଣିସାରିଥିଲା ଯେ କେହି ତା ପାଖକୁ ଆସିବେ ନାହିଁ । ମୁରବୀ ମାଙ୍କଡଟି ଅନ୍ୟମାନଙ୍କୁ ଅନୁରୋଧ କଲା ଘିନୁଆକୁ ଏ ବିପଦ ବେଳେ ସାହାଯ୍ୟ କରିବା ପାଇଁ । ତା କଥା ରଖି ଅନ୍ୟମାନେ ଧରାଧରି କରି ଘିନୁଆକୁ ସେମାନେ ଏବେ ରହୁଥିବା ଜଂଗଲକୁ ନେଇଗଲେ । ମୁରାମ୍ ତା ପାଇଁ ପ୍ରତିଦିନ କିଛି ନା କିଛି ଖାଦ୍ୟ ଆଣି ଦେଇଗଲା । ସେ ଆପାତତଃ ଭଲରେ ଭଲରେ ରହିପାରିଲା । ଏବେ ସେ ବୁଝିଗଲା ଏକତା ଆଉ ସହଯୋଗ ଜୀବନ ଧାରଣ କରିବା ପାଇଁ ନିହାତି ଜରୁରୀ । ସେ କରିଥିବା ଭୁଲ ପାଇଁ ଏବେ ପ୍ରାୟଶ୍ଚିତ କରିବାକୁ ଲାଗିଲା ।

ଅଂଗାରଗଡିଆ, ବାଲେଶ୍ୱର ୧



## ରମାକାନ୍ତ ଦାସ

# କୁହୁକ ମାଠିଆ



ନାରାୟଣପୁର ଗ୍ରାମରେ କୃପାସିନ୍ଧୁ ନାମକ ଜଣେ ଗରିବ କୁମ୍ଭାର ଓ ତାଙ୍କର ପତ୍ନୀ ମାଳତୀ ବାସ କରୁଥିଲେ । ମାଟିରେ ମାଠିଆ ତିଆରି କରି ମାଠିଆକୁ ବଜାରରେ ବିକି ବହୁତ ଖୁସିରେ ରହୁଥିଲେ ।

ଦିନକର କଥା କୃପାସିନ୍ଧୁ ସକାଳୁ ଉଠି ମାଠିଆ ଗୁଡିକ ଅଗଣାରେ ସଜାଇକି ରଖିଥାନ୍ତି। ଅପେକ୍ଷା କରି ରହିଥାନ୍ତି ଗାଡିକୁ କେତେବେଳେ ଗାଡି ଆସିବ ଓ ସେ ତାଙ୍କର ମାଠିଆ ଗୁଡିକୁ ବିକିବେ । ନଈରୁ ପାଣି ଆଣି ଘରକୁ ଫେରୁଥାନ୍ତି ମାଳତୀ । କୃପାସିନ୍ଧୁଙ୍କ ପାଖକୁ ଆସି କହିଲେ । ତମେ ସକାଳୁ କିଛି ଖାଇନ ଆସ କଣ ଦିଟା ଖାଇଦେବ । କୃପାସିନ୍ଧୁ କହିଲେ ନା ମୁଁ ଆଗେ ଏ ମାଠିଆ ଗୁଡିକ ବିକ୍ରି କରି ସାରିବି ତାପରେ ବସି ଖୁସି ମନରେ ଖାଇବି । କୃପାସିନ୍ଧୁଙ୍କ ଘର ବାଟଦେଇ ଆସୁଥାନ୍ତି ନାରାୟଣପୁର ଗ୍ରାମର ମୁଖିଆ ଓ ତାଙ୍କର ଗୁମାସ୍ତା। କୃପାସିନ୍ଧୁଙ୍କ ଅଗଣାରେ ପହଞ୍ଚି ଦେଖିଲେ ସୁନ୍ଦର ସୁନ୍ଦର ମାଠିଆ ସଜା ହୋଇ ଥୁଆ ହୋଇଛି । ସୁନ୍ଦର ସୁନ୍ଦର ମାଠିଆ ଗୁଡିକୁ ଦେଖି ମୁଖିଆ ଜଣକ କୃପାସିନ୍ଧୁଙ୍କର ବହୁତ ପ୍ରଶଂସା କଲେ ଓ କହିଲେ ମତେ ୨ଟି ମାଠିଆ ଦିଅ। ମୁଁ ସେ ମାଠିଆ ୨ଟିରେ ପାଣି ରଖି ପିଇବି। ଏ କଥା ଶୁଣି କୃପାସିନ୍ଧୁ କହିଲେ ନାଇଁ ଆଜ୍ଞା ମୁଁ ଏ ମାଠିଆରୁ ଆପଣଙ୍କୁ ଗୋଟେ ବି ଦେଇ ପାରିବିନି। ଏ ମାଠିଆ ଗୁଡିକୁ ମୁଁ ବିକ୍ରି କରିବା ପାଇଁ ଆଉ ଜଣେ ବେପାରୀଙ୍କୁ କଥା ଦେଇ ସାରିଛି। ସେ ଏବେ ଗାଡି ଆଣି ଆସୁଛନ୍ତି। ଏ କଥା ଶୁଣି ଗୁମାସ୍ତା ଜଣକ କହିଲେ 'କଣ ହେଲା ତୋର ଏତେ ସାହସ, ତୁ ମୁଖିଆଙ୍କ ମୁଁହରେ ଜବାବ ଦଉଛୁ'। ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ଆଜ୍ଞା ମୁଁ ଆପଣଙ୍କୁ ୨ଟି ମାଠିଆ ଦେଉଛି । ଗାଡି ଆଣି ଆସୁଥିବା ବେପାରୀଙ୍କୁ ମୁଁ ବୁଝେଇଦେବି। ଏ କଥା କହି ୨ଟି ମାଠିଆ ମୁଖିଆଙ୍କ ହାତକୁ ଦେଇଦେଲେ କୃପାସିନ୍ଧୁ ଓ କହିଲେ ଆଜ୍ଞା ୨ଟି ମାଠିଆର ମୂଲ୍ୟ ଅଶି ଟଙ୍କା ଆପଣ ମତେ ମୋ ମାଠିଆର ମୂଲ୍ୟ ଦିଅନ୍ତୁ । କୃପାସିନ୍ଧୁଙ୍କ କଥା ଶୁଣି ମୁଖିଆ ଜଣକ କ୍ରୋଧ ହୋଇ କହିଲେ 'ତୋର ଏତେ ସାହସ ତୁ ମତେ ପଇସା ମାଗୁଛୁ'। କୃପାସିନ୍ଧୁ କହିଲେ ଆଜ୍ଞା ମୁଁ ମୋ ପେଟପୋଷିବା ପାଇଁ ଦିନ ରାତି ଖଟି ଏ ସବୁ ମାଠିଆ ତିଆରି କରୁଛି। ଆପଣ ମତେ ମୋ କର୍ମର ମୂଲ୍ୟ ଦିଅନ୍ତୁ । ଏ କଥା ଶୁଣି ମୁଖିଆ ଓ ଗୁମାସ୍ତା ରାଗି ଯାଇ ସଜାହୋଇଥିବା ସବୁ ମାଠିଆକୁ ଭାଙ୍ଗିଦେଲେ ଓ କହିଲେ ତୋ ଘର ଆଗରେ ମୁଁ ଯେମିତି ନ ଦେଖେ ଯେ ତୁ କେବେ ମାଠିଆ ଗଢୁଛୁ ଯଦି କେବେ ଦେଖେ ତ ତୋର ସବୁ ମାଠିଆ ମୁଁ ଭାଙ୍ଗିଦେବି। ଏ ସବୁ ଦେଖି କୃପାସିନ୍ଧୁ ଓ ତାଙ୍କର ସ୍ତ୍ରୀ ବହୁତ କାନ୍ଦିଲେ । କିଛି ସମୟ ପରେ ବେପାରୀ ଜଣକ ଆସି କୃପାସିନ୍ଧୁଙ୍କ ଘର ପାଖରେ ଗାଡି ରଖି କୃପାସିନ୍ଧୁ ମାଠିଆ ଦେବା କଥା କହିଲେ। କୃପାସିନ୍ଧୁ ବେପାରୀଙ୍କୁ ହାତ ଯୋଡି କହିଲେ ଦେଖନ୍ତୁ ଆଜ୍ଞା ଆମ ଗ୍ରାମର ମୁଖିଆଙ୍କୁ ମୁଁ ମୋ ମାଠିଆର ପଇସା ମାଗିବାରୁ ସେ ସବୁ ମାଠିଆକୁ ଭାଙ୍ଗି ଦେଇଛନ୍ତି । ଆପଣ ମତେ ୨ଦିନ ସମୟ ଦିଅନ୍ତୁ ମୁଁ ଦିନ ରାତି ପରିଶ୍ରମ କରି ଆପଣଙ୍କୁ ନୂଆ ମାଠିଆ ତିଆରି କରିଦେବି । ଏ କଥା ଶୁଣି ବେପାରୀ ଜଣଙ୍କ ଗାଡି ନେଇ ପଳେଇଲେ ।

କୃପାସିନ୍ଧୁ କାନ୍ଦି କାନ୍ଦି ଯାଇ ନାଗ ଦେବୀଙ୍କୁ ପ୍ରାର୍ଥନା କଲେ ଓ କହିଲେ 'ମା ମୋର ଦୁଃଖ ଦୂର କର ମା, ଯଦି ମୁଖିଆ ମୋ ମାଠିଆ ସବୁ ଭାଙ୍ଗିଦେବେ ତ ମୁଁ କେମିତି ଚଳିବି । ଏ କଥା ଶୁଣି ସ୍ୱୟଂ ମା ନାଗଦେବୀ ପ୍ରକଟ ହୋଇ କହିଲେ -'ମୁଁ ତୋର ଦୁଃଖ ସବୁ ବୁଝିପାରୁଛି, ମୁଁ ତତେ ଆଶୀର୍ବାଦ କରୁଛି ତୁ ଯଉ

ମାଠିଆ ଗୁଡିକ ତିଆରି କରିବୁ ସେ ସବୁ ମାଠିଆ ଗୁଡିକ ଜୀବନ ପାଇଯିବ ଓ ତାକୁ କେହିବି ଭାଙ୍ଗି ପାରିବେନି । ଏ କଥା ଶୁଣି କୃପାସିନ୍ଧୁ ନାଗଦେବୀଙ୍କ ପାଖରେ ଥିବା କିଛି ମାଟି କୁ ଆଣିଲେ । ଜୟ ମା, ଜୟ ମା କହି ଘରକୁ ଫେରିଲେ ।

ତା ପରଦିନ ମୁଖିଆ ଓ ତାଙ୍କର ସନ୍ୟ ମାନେ ଆସି କୃପାସିନ୍ଧୁ କହିଲେ । ହଉ ମାଠିଆ ତିଆରି କର ସରିଲା ପରେ ସେ ସବୁ ମାଠିଆକୁ ଆମେ ମାନେ ଭାଙ୍ଗିଦେବୁ । ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ୨ଦିନ ପରେ ଆସନ୍ତୁ ଦେଖିବା ଆପଣ ମାନେ କେମିତି ମୋ ମାଠିଆ ଭାଙ୍ଗିଦେବେ ।

୨ଦିନ ପରେ କୃପାସିନ୍ଧୁ ଅଗଣାରେ ମାଠିଆ ଗୁଡିକୁ ସଜେଇକି ରଖିଲେ । କିଛି ସମୟ ପରେ ମୁଖିଆ ଓ ତାଙ୍କର ସନ୍ୟ ମାନେ ଆସି ମାଠିଆ ଗୁଡିକୁ ତଡା ସାହାଯ୍ୟରେ ପ୍ରହାର କଲେ ହେଲେ ସେ ମାଠିଆ ଗୁଡିକ ନ ଭାଙ୍ଗି ତଡାର ପ୍ରହାର ଗୁଡିକ ସନ୍ୟ ମାନଙ୍କ ଦେହରେ ବାଜିଲା ଓ ସନ୍ୟ ମାନେ ଆଘାତ ହୋଇ ତଳେ ପଡିଲେ । ଏ ସବୁ ଦେଖି ମୁଖିଆ ଓ ତାଙ୍କର ଗୁମାସ୍ତା ଚମକି ପଡିଲେ । ଗୁମାସ୍ତା ମାଠିଆ ଗୁଡିକୁ ଛୋଟ ପଥର ପକେଇବାରୁ ସେ ପଥର ଆସି ଗୁମାସ୍ତାଙ୍କ ମୁଣ୍ଡରେ ବାଜିଲା । ଏ ସବୁ ଦେଖି ମୁଖିଆ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଯେତେବେଳେ ମାଠିଆକୁ ପ୍ରହାର କଲେ ମାଠିଆଟି ଆସି ତାଙ୍କ ମୁଣ୍ଡରେ ପଡିଲା ।ଏମିତି ହେବା ପରେ ମୁଖିଆ କୃପାସିନ୍ଧୁଙ୍କୁ ଭୁଲ ମାଗିଲା ଓ କହିଲେ ମୋର ଭୁଲ ହେଇଯାଇଛି ମୁଁ ତୁମକୁ ତମର ମାଠିଆର ମୂଲ୍ୟ ଦେଇ ଦେବି । କୃପାସିନ୍ଧୁ କହିଲେ ଯଦି ଭୁଲ ମାଗିବାର ଅଛି ତ ନାଗଦେବୀଙ୍କୁ ଭୁଲ ମାଗ । ମୁଖିଆ ଜଣଙ୍କ ନାଗଦେବୀଙ୍କୁ ଭୁଲ ମାଗିଲେ ଓ କହିଲେ ମା ମତେ କ୍ଷମା କରିଦିଅନ୍ତୁ ମୁଁ ଆଉ କେବେ ବି କାହାକୁ ହଇରାଣ କରିବିନି।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ -୯୬୬୮୮୧୫୩୬୯

## କୁକୁର ବି କରେ ରକ୍ତଦାନ

ଅନ୍ୟର ଜୀବନ ବଞ୍ଚାଇବା ଲାଗି କେବଳ ମଣିଷ ରକ୍ତଦାନ କରନ୍ତି ନାହିଁ, ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ବି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କୁକୁରଙ୍କଠାରୁସଂଗୃହୀତ ରକ୍ତ ପୋଷା କୁକୁର ଏବଂ ବିଲେଇଙ୍କର ମଧ ଜୀବନ ରକ୍ଷା କରିପାରେ । ଏପରିକି ବୁଲା କୁକୁରଙ୍କଠାରୁ ମଧ ରକ୍ତ ସଂଗ୍ରହ କରାଯାଇପାରିବ । ପଶୁ ଚିକିତ୍ସକଙ୍କ କହିବା ଅନୁସାରେ, ମଣିଷ କପରି କୁକୁରଙ୍କ ରକ୍ତରେ ମଧ ପ୍ଲେଟଲେଟସ, ପ୍ଲାଜମା, ଆରବିସି, ଡବ୍ଲୁବିସି ରହିଥାଏ । ଏମାନଙ୍କର ତିନିପ୍ରକାର ଗ୍ରୁପ୍,ରହିଛି-ଟି , ଓ, ଜି । ମଣିଷ ରକ୍ତ ତୁଳନାରେ କୁକୁର ରକ୍ତ ଅଧିକ ସମୟ, ଅର୍ଥାତ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କୌଣସି ରୋଗ ତଥା ଅସ୍ତ୍ରୋପଚାର ସମୟରେ କୁକୁରଙ୍କୁ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ଲାବ୍ରାଡର ଜର୍ମାନ ଶେଫର୍ଡ ଏବଂ ଡୋବରମ୍ୟାନ ପରି କୁକୁର ପ୍ରାୟତଃ ଏନିମିଆ ର ଶିକାର ହୋଇଥାନ୍ତି । ତେଣୁ ଏମାନଙ୍କୁ ଅନେକ ସମୟରେ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ବର୍ଷକରୁ ୭ବର୍ଷ ବୟସର କୌଣସି ସୁସ୍ଥ କୁକୁର ରକ୍ତଦାନ କରିପାରିବେ । ଥରକେ ଗୋଟିଏ କୁକୁର ୧ ୟୁନିଟ୍ ବା ୩୫୦ ମିଲି ରକ୍ତଦାନ କରିପାରେ । ଥରେ ରକ୍ତଦାନ କରିବାର ୪୫ଦିନ ଯାଏ କୁକୁରଠାରୁ ଆଉ ରକ୍ତ ନିଆଯାଇପାରିବ ନାହିଁ । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହସପିଟାଲ ଆସିଥିବା ବୁଲା କୁକୁର ଚିକତ୍ସା ପରେ ସେହିଠାରେ ରହିଯାନ୍ତି ଏବଂ ପରେ ଆବଶ୍ୟକ ସମୟରେ ସେମାନେ ରକ୍ତଦାନ କରି ବହୁ ଦାମୀ ପୋଷାକୁକୁରଙ୍କ ଜୀବନ ରକ୍ଷା କରିପାରନ୍ତି ।



## ମିଠା ପୁରି



**ଆବଶ୍ୟକ ସାମଗ୍ରୀ:** କ୍ଷୀର, ଘିଅ, ମଇଦା, ଗ୍ରାଇଣ୍ଡିଂ ହୋଇଥିବା ଚିନି, ତେଲ, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଗୁଜରାତି ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ନିଅନ୍ତୁ । ସେଥିରେ ଚିନି ପାଉଡର, ଗ୍ରାଇଣ୍ଡି ହୋଇଥିବା ନଡ଼ିଆ,ଗୁଜରାତି ଗୁଣ୍ଡ ଏବଂ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ । ପରେ ଏଥିରେ କ୍ଷୀର ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ଚକଟା ହୋଇଥିବା ମଇଦାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ । ପରେ ମଇଦାକୁ ବାହାର କରି ଛୋଟ ଛୋଟ ଗୋଳା କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ ।

ଏବେ କରେଇରେ ତେଲ ଗରମ କରନ୍ତୁ । ସେଥିରେ ବେଲା ହୋଇଥିବା ପୁରିକୁ ପକାନ୍ତୁ । ପୁରି ଟିକେ ଫିକା ନାଲି ରଙ୍ଗରେ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏହା ପରେ ଏହାକୁ ଏକ ଥାଳିରେ ବାହାର କରି ରଖନ୍ତୁ । ପ୍ରସ୍ତୁତ ହୋଇଗଲା ମିଠା ପୁରି ।

## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଭୋଜନର ଆବଶ୍ୟକତା



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ପ୍ରତ୍ୟେକ ବର୍ଗ ତଥା ବୟସର ଲୋକ ଭୋଜନ ଉପରେ ଗୁରୁତ୍ୱ ଦେବା ଜରୁରୀ । ଯେପରି ସକାଳ ଜଳଖିଆରେ ଏବେ ଲୋକେ ସ୍ୱାସ୍ଥ୍ୟପ୍ରଦ ଭୋଜନ ଭାବେ ଓଟ୍ସ ଖାଉଛନ୍ତି । ପୋଷକତତ୍ତ୍ୱ ଭରପୂର ଏଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ କେବଳ ଏହା ଖାଇଲେ ଶରୀରକୁ ଶକ୍ତି ମିଳିଥାଏ, ତାହା ଭାବିବା ଭୁଲ । ଏଣୁ ଆମିଷ ଖାଉଥିବା ଲୋକେ ବ୍ରେଡ୍ ଆମଲେଟ୍, କିମ୍ବା ସିଝା ଅଣ୍ଡା ଖାଇପାରନ୍ତି । ନଚେତ୍ ଅନ୍ୟମାନେ ରୁଟି ଦୁଇପଟ ସହ ସିଝା ତରକାରି ମଧ ଖାଇପାରିବେ୨ । ଏହା ସହ ଆପଣ ନିଜ ପ୍ରିୟ ଚା ଓ କଫି ପିଇଲେ ମଧ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ଅନ୍ୟପାଖେ ସକାଳର ଆରମ୍ଭ ଯଦି ଗୋଟିଏ କଦଳୀ ଖାଇ ଅବା ଫ୍ରୁଟ୍ ସାଲାଡରେ ଆରମ୍ଭ ହୁଏ, ତାହା ବି ଉତ୍ତମ । ରାତିବେଳା ଭୋଜନ ୮ଟା ମଧ୍ୟରେ କରିବା ଉଚିତ । କାରଣ ଏପରି କଲେ ଖାଦ୍ୟ ହଜମ ହେବା ପାଇଁ ପର୍ଯ୍ୟପ୍ତ ସମୟ ମିଳିଥାଏ । ପ୍ରାଚୀନ କାଳରେ ଲୋକେ ସନ୍ଧ୍ୟା ସମୟରେ ହିଁ ରାତ୍ରିଭୋଜନ ଶେଷ କରୁଥିଲେ । ଏହା ଅନ୍ୟତମ କାରଣ ଥିଲା ସେମାନଙ୍କ ନୀରୋଗ ଓ ସୁସ୍ଥ ଜୀବନଶୈଳୀର । ରାତି ଭୋଜନରେ ଅଧିକ ତେଲମସଲା ନ ଖାଇ ହାଲକା ଭୋଜନ କରନ୍ତୁ । ଭୋଜନର ଠିକ୍ ପରେପରେ ଶୋଇ ନଯାଇ କିଛି ଚଲାବୁଲା କରିବା ଉଚିତ । ଦ୍ୱିପ୍ରହର ଭୋଜନକୁ ମଧ ଗୁରୁତ୍ୱ ଦିଅନ୍ତୁ । ଏଥିରେ ସାଲାଡ, ଭାତ ଡାଲି ଓ ତରକାରି ଖାଆନ୍ତୁ । ଅନ୍ୟ ସମୟରେ ଭୋକ ଲାଗିଲେ ଏଣୁତେଣୁ ନ ଖାଇ ବରଂ ବାଦାମ ଭଜା, ଚୂଡ଼ା ଭଜା ଇତ୍ୟାଦି ଜଳଖିଆ ଖାଇବା ଉଚିତ । ଏତ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏସବୁ ଭୋଜନର ନିତାନ୍ତ ଆବଶ୍ୟକତା ରହିଛି । ଦୈନିକ ନିଜ ଖାଦ୍ୟରେ ଗାଜର, ବ୍ରୋକୋଲି,ଫୁଲକୋବି, ବିନ୍ସ, ବିଟ୍ ଇତ୍ୟାଦି ସାମିଲ କରିବାକୁ ଚେଷ୍ଟା କରନ୍ତୁ । ଏସବୁ ପରିବା ସହଜରେ ହଜମ ହେବା ସହ ଶରୀରକୁ ପର୍ଯ୍ୟପ୍ତ ପରିମାଣରେ ଶକ୍ତି ଯୋଗାଇଥାଏ ।





## କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଖାଇବା ପରେ ନିଦ ଲାଗେ କାହିଁକି ?



ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିଜ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।



## ବାସି ଚା’ ଗରମ କରି ପିଉଛନ୍ତି କି ? ହୋଇପାରେ ଘାତକ

ଅଧିକାଂଶ ଲୋକଙ୍କୁ ଚା’ ପିଇବା ଭାରି ପସନ୍ଦ । ଚା’ ବିନା ତାଙ୍କ ଦିନ ଆରମ୍ଭ ହୁଏନି । ଏପରି ଅନେକ ଅଛନ୍ତି ଯିଏକି ଦିନରେ ୩ରୁ ୪ ଥର ଚା’ ପିଇବାକୁ ଭଲ ପାଆନ୍ତି । ସେହିପରି ଅନେକ ଏଭଳି ମଧ ଅଛନ୍ତି ଯିଏକି ବାସି ଚା’କୁ ରଖି ଗରମ କରି କରି ପିଇଥା’ନ୍ତି । ଯଦି ଆପଣ ମଧ ଏଭଳି କରୁଛନ୍ତି ତେବେ ସାବଧାନ । ଆପଣଙ୍କ ଏହି ଅଭ୍ୟାସ ହୋଇପାରେ ଘାତକ । ରଖାଯାଇଥିବା ଚା’କୁ ବାରମ୍ବାର ଗରମ କରି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାର ହୋଇଥାଏ ।

- ଦୀର୍ଘ ସମୟ ଧରି ରଖାଯାଇଥିବା ଚାକୁ ବାରମ୍ବାର ଗରମ କରି ପିଇବା ଉଚିତ୍ ନୁହେଁ । ଏଭଳି କରିବା ଦ୍ୱାରା ଚା’ର ସ୍ୱାଦ ଏବଂ ଚା’ର ସୁଗନ୍ଧ ବଦଳିଯାଇଥାଏ । ଏହା ପେଟ ଜନିତ ସମସ୍ୟା ମଧ ସୃଷ୍ଟି କରିପାରେ । ତେଣୁ ଯଦି ସମ୍ଭବ ରଖାଯାଇଥିବା ଚା’ ପିଅନ୍ତୁ ନାହିଁ ।
- ବାସି ଚା’କୁ ଗରମ କରି ପିଇବା ଦ୍ୱାରା ସେଥିରେ ଥିବା ଭଲ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ । ଏହା ସ୍ୱାଦହୀନ ମଧ ଲାଗେ । ଏଥିସହ ଏହା ଆପଣଙ୍କ ଶରୀରକୁ କ୍ଷତି ମଧ ପହଞ୍ଚାଏ ।
- ଏଭଳି ଚା’ ପିଇବା ଦ୍ୱାରା ଝାଡା, କୋଷ୍ଠ କାଠିନ୍ୟ, ହଜମ ସମ୍ବନ୍ଧୀୟ ସମସ୍ୟା ଆଦି ହୋଇପାରେ । ଏଥିପାଇଁ ବାସି ଚା’କୁ ଗରମ କରି ପିଇବା ଠାରୁ ଦୂରେଇ ରୁହନ୍ତୁ ।
- ବାସି ଚା’ରେ ଅନେକ ଜୀବାଣୁ ଉତ୍ପନ୍ନ ହୋଇଯାଇଥା’ନ୍ତି । ଯଦି ଆପଣ କ୍ଷୀରରେ ତିଆରି ଚା’ ପିଉଛନ୍ତି, ତେବେ ଏହା ବାସି ବା ଦୀର୍ଘ ସମୟ ରହିଯିବା ପରେ ଏଥିରେ ମାଇକ୍ରୋବସ୍(ଏକ ପ୍ରକାର ଜୀବାଣୁ) ହେବା ଆଶଙ୍କା ଅଛି ।



- ସେହିପରି ଯଦି ଆପଣ ହର୍ବାଲ ଚା’ ପିଉଛନ୍ତି ତେବେ ତାକୁ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖି ଗରମ କରି ପିଅନ୍ତୁ ନାହିଁ । କାରଣ ଏଭଳି କରିବା ଦ୍ୱାରା ଏଥିରେ ଥିବା ସମସ୍ତ ଗୁଣ ନଷ୍ଟ ହୋଇଯାଇଥାଏ । ଯଦିଓ, ଆପଣ ଚା’କୁ ୧୫ ମିନିଟ୍ ପୂର୍ବରୁ ପ୍ରସ୍ତୁତ କରିଛନ୍ତି, ତେବେ ତାକୁ ଗରମ କରି ପିଇପାରିବେ ।

## ବେଡ୍‌କୁ ଯିବା ପୂର୍ବରୁ ନାଇଟ ସାୱାର୍ କରିବାକୁ ଭୁଲନ୍ତୁ ନାହିଁ: ଜାଣି ରଖନ୍ତୁ ଫାଇଦା



ଦିନଯାକର ଜଞ୍ଜାଳ ସାରି ଘରକୁ ଫେରିବା ପରେ ସମସ୍ତେ ପ୍ରଥମେ ଫ୍ରେଶ୍ ହେବାକୁ ପସନ୍ଦ କରନ୍ତି । ଏଥିପାଇଁ କିଏ ପୁଣି ଥରେ ରାତିରେ ଗାଧୋଇଥାନ୍ତି ତ କିଏ ଏହାକୁ ଆଭଏଡ କରିଥାନ୍ତି । ହେଲେ ଜାଣିଛନ୍ତି ନାଇଟ୍ ସାୱାର ନେବା ପରେ ଏହା ଆପଣଙ୍କୁ ଫ୍ରେଶ୍ କରିବା ସହ ବହୁ ବେମାରକୁ ବି ଦୂରେଇ ଦେଇଥାଏ ।

ଦିନ ସାରା ବାହାରେ ବୁଲିବା, କାମ କରିବା ହେତୁ ଶରୀରରେ ଝାଳ ସହ, ଧୂଳି କିଟାଣୁ ବି ଲାଗିଯାଇଥାଏ । ତେଣୁ ରାତିରେ ଗାଧୋଇବା ପରେ ଏହା ଶରୀରରୁ ଦୂରେଇ ଯାଇଥାଏ । ଏହାଦ୍ୱାରା ଯେ ଆପଣ କେବଳ ଫ୍ରେଶ୍ ଅନୁଭବ କରନ୍ତି ତାହା ନୁହେଁ, ଏହା ଶରୀରର ତାପମାତ୍ରାକୁ ବି କିଛି ମାତ୍ରାରେ କମାଇ ଦେଇଥାଏ ।

ବେଡକୁ ଯିବା ପୂର୍ବରୁ ଭଲ ଭାବେ ଗାଧୋଇବା ତ୍ୱଚା ପାଇଁ ଖୁବ୍ ଲାଭଦାୟକ । ଏହାଦ୍ୱାରା ତ୍ୱଚା ତଥା ଚର୍ମ ସମ୍ବନ୍ଧୀୟ ରୋଗ ଦୂରେଇ ଯାଇଥାଏ । ରାତିରେ ଗାଧୋଇବା ଦ୍ୱାରା ଶରୀରରେ ରକ୍ତ ପ୍ରବାହ ଠିକ୍ ହୋଇଥାଏ । ଫଳରେ ରକ୍ତଚାପ ନିୟନ୍ତ୍ରଣକୁ ଆଣିବାରେ ଏହା ସାହାଯ୍ୟ କରିଥାଏ ।

ରାତିରେ ଗାଧୋଇବା ପରେ ତୁରନ୍ତ ଆମ ମସ୍ତିଷ୍କ ଓ ଶରୀର ଫ୍ରେଶ୍ ହୋଇଯାଇଥାଏ । ଏହା କେବଳ ଆମ ଶରୀରକୁ ରିଫ୍ରେଶ୍ କରିଥାଏ ତାହା ନୁହେଁ ଏହା ଦ୍ୱାରା ମନ ବି ସତେଜ ଅନୁଭବ କରିଥାଏ । ଆପଣ ଚିନ୍ତାମୁକ୍ତ ଅନୁଭବ କରନ୍ତି, ଫଳରେ ରାତିରେ ଭଲ ନିଦ ହୋଇଥାଏ । ଶୋଇବା ପୂର୍ବରୁ ଗାଧୋଇବା ଦ୍ୱାରା ସମସ୍ତ ଇନ୍ଦ୍ରିୟ ଆଶ୍ଚର୍ଯ୍ୟଜନକ ଭାବେ ସକ୍ରିୟ ହୋଇ ଯାଇଥାଏ ।

ଯଦି ଆପଣ ଜିମ୍ ଯାଉଛନ୍ତି, ନିୟମିତ ଏକ୍ସରସାଇଜ କରୁଛନ୍ତି, ଏହାବାଦ ଅଫିସ୍ ବି ଯାଉଛନ୍ତି । ଏପରି ସ୍ଥିତିରେ ସକାଳେ ଗାଧୋଇବା ସହ ରାତିରେ ଗାଧୋଇବାକୁ ବି ଭୁଲନ୍ତୁ ନାହିଁ । ଏହାଦ୍ୱାରା ଧାଁଦୌଡ଼ ଯୋଗୁ ଆପଣଙ୍କ ଶରୀର ତାପମାତ୍ର ସାମାନ୍ୟ ବୃଦ୍ଧି ହୋଇଥିବା ବେଳେ ରାତିରେ ଗାଧୋଇବା ଦ୍ୱାରା ତାହା ନର୍ମାଲ ହୋଇଯାଇଥାଏ । ଫଳରେ ରାତିରେ ଭଲ ନିଦ ହେବା ସହ ସକାଳୁକୁ ଫ୍ରେଶ୍ ଅନୁଭବ ହୋଇଥାଏ ।

# ସୁଦାମଙ୍କୁ ମିଳିଲା ରାଜସ୍ୱ ବିଭାଗର ଅତିରିକ୍ତ ଦାୟିତ୍ୱ

ବାରିପଦା,୨୨/୯(ନି.ପ୍ର): ରାଜ୍ୟ ସରକାରଙ୍କ ତରଫରୁ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଦାୟିତ୍ୱ ମିଳିଛି। ପ୍ରମିଳା ମଲ୍ଲିକଙ୍କ ଇସ୍ତଫା ପରେ ସୁଦାମ ମାର୍ଣ୍ଡିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୁଦାମ ମାର୍ଣ୍ଡି କୃତଜ୍ଞତା ଜଣାଇଛନ୍ତି। ସୂଚନା ଯୋଗ୍ୟ, ବିଧାନସଭାରେ ବିଜେଡି ପ୍ରାର୍ଥୀ ଭାବେ ବାଚସ୍ପତି ପଦ ପାଇଁ ଗୁରୁବାର ପ୍ରମିଳା ମଲ୍ଲିକ ନାମାଙ୍କନ ପତ୍ର ଭରିବା ପୂର୍ବରୁ ପ୍ରମିଳା ତାଙ୍କ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତେବେ ସୁଦାମ ଅତୀତରେ ରାଜସ୍ୱ ମନ୍ତ୍ରୀ ମଧ ଥିଲେ. ଏବେ ଗଣ ଶିକ୍ଷା ମନ୍ତ୍ରୀ ସହ ରାଜସ୍ୱ ବିଭାଗ ର ଅତିରିକ୍ତ ଦାୟିତ୍ୱ ମିଳିବା ପରେ ଜିଲ୍ଲା ରେ ଦଳୀୟ ନେତା କର୍ମୀ ତଥା ତାଙ୍କର ଅନୁଗତ ମାନେ ତାଙ୍କୁ



ଶୁଭେଚ୍ଛା ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି ।

# ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦଘାଟିତ



ନୀଳଗିରି,୨୨/୯(ନି.ପ୍ର): ନୀଳଗିରି ବ୍ଲକ ଅଧିନ ମହିସାପଟ୍ଟା ପଂଚାୟତ ଜାମ୍ବବଣୀ ଗ୍ରାମରେ ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟ ଉଦଘାଟିତ ହୋଇଅଛି।ମହିସାପଟ୍ଟା ଓ ମଚ୍ଛୁଆ ପଂଚାୟତକୁ ନେଇ ଗଠିତ ଏହି ସମିତିର କାର୍ଯ୍ୟାଳୟକୁ ୧୩ ନମ୍ବର ଯୋନର ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଅନ୍ୟତମ ଅତିଥିଭାବେ ଏଆରସି ଲକ୍ଷ୍ମୀଧର ରାଉତ, ସୁକୁମାର ମଲ୍ଲିକ ସମେତ ଅଞ୍ଚଳର ବରିଷ୍ଠ ବ୍ୟକ୍ତି ଓ ଚାଷୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବିଧାନସଭାରେ ୨୮,୨୦୦କୋଟି ଟଙ୍କାର ...

ବୟନିକା ଓ ସମ୍ବଲପୁରୀ ବସ୍ତ୍ରାଳୟକୁ ୱାର୍କିଂ କ୍ୟାପିଟାଲ ପାଇଁ ୨୦କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ ହୋଇଛି । ଯାଜପୁର ଓ କଳାହାଣ୍ଡିରେ ନୂଆ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୨୭କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ମଧୁବାବୁ ପେନସନ ଯୋଜନାରେ ୫୦୦କୋଟି, ଭିନ୍ନକ୍ଷମ କଲ୍ୟାଣ ପାଇଁ ୨୧୪କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେହିପରି ମୋ ସ୍କୁଲ ଅଭିଯାନକୁ ୨୧୨କୋଟି ଟଙ୍କା ଓ ଓଡ଼ିଶା ଆଦର୍ଶ ସ୍କୁଲ ପାଇଁ ୧୦୫.୫୪କୋଟି ଟଙ୍କା, ବେସରକାରୀ ହାଇସ୍କୁଲ ପାଇଁ ୬୦୦କୋଟି, ସରକାରୀ ହାଇସ୍କୁଲ ପାଇଁ ୬୪କୋଟି ଟଙ୍କା, ବିଶ୍ୱବିଦ୍ୟାଳୟ ଓ କଲେଜର ଭିତିଭୂମି ବିକାଶ ପାଇଁ ୨୩୦କୋଟି ଟଙ୍କା, ବେସରକାରୀ କଲେଜଗୁଡ଼ିକ ଜିଆଇଏ ବାବଦରେ ୩୦୮କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ସେହିପରି ଫସଲ ଉତ୍ପାଦନ ପରିଚାଳନା ପାଇଁ ୨୨୩ କୋଟି, ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ ପାଇଁ ୨୫୩ କୋଟି, ପିଏମ୍ ଫସଲ ବୀମା ଯୋଜନାର ପ୍ରିମିୟମ ସବସିଡି ପାଇଁ ୪୦୦ କୋଟି ଜଳସେଚନ ବିକାଶ ପାଇଁ ୪୪୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ ନିମନ୍ତେ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ରହିଛି। ପ୍ରଚଳିତ କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତିତ ଯୋଜନା ପାଇଁ ଅତିରିକ୍ତ ବ୍ୟୟବରାଦ ହୋଇଛି । ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଅର୍ଥର ଭରଣା ମଧ ଅତିରିକ୍ତ ବଜେଟରେ କରାଯାଇଛି। ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ଆଖିରେ ରଖି ଉପଲବ୍ଧ ସମ୍ବଳର ପୁନଃବିନିଯୋଗ ତଥା ବିଭିନ୍ନ ସୂତ୍ରରୁ ସହବନ୍ଧିତ ସମ୍ବଳ ପ୍ରାପ୍ତି ମାଧମରେ ଅତିରିକ୍ତ ବଜେଟ୍ ପାଇଁ ବ୍ୟୟବରାଦ କରାଯାଇଛି ।

## ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ...

ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲା ସଂଘ । ଆଜି ଲୋୟର ପିଏମ୍ଜିରେ ସବୁ ଜିଲ୍ଲାରୁ ହଜାର ହଜାର ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏକାଠି ହୋଇଛନ୍ତି । ବିଶାଳ ସମାବେଶ କରି ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ନାରା ଦେଇଥିଲେ । ଏଥର ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ଉଚିତ ଜବାବ ଦିଆଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି । ସରକାରୀ କର୍ମଚାରୀ ମାନ୍ୟତା, କର୍ମୀଙ୍କୁ ମାସିକ ୧୮ ହଜାର ଟଙ୍କା, ସହାୟିକାଙ୍କୁ ୯ ହଜାର ଟଙ୍କା ଦରମା ଦେବାକୁ ଦାବି, ପ୍ରତିବର୍ଷ ପଦୋନ୍ନତି, ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ଗ୍ରାଚ୍ୟୁଇଟି ନିୟମ ଲାଗୁ କରିବାକୁ ଦାବି କରିଛି ସଂଘ । ଅଙ୍ଗନୱାଡ଼ି କର୍ମୀ ଏବେ ମାସକୁ ପାଉଛନ୍ତି ମାତ୍ର ୭ ହଜାର ୫ଶହ ଟଙ୍କା । ଅର୍ଥାତ ଦିନ ପିଛା ପଡୁଛି ମାତ୍ର ୨୫୦ ଟଙ୍କା । ଦିନେ ଛୁଟି ନେଲେ ତାହା ବି ମିଳିବନି । ଏଭଳି ପରିସ୍ଥିତି ସମୟରେ ମିନି ଅଙ୍ଗନବଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନବାଡ଼ି କର୍ମୀର ମାନ୍ୟତା ଓ ଗ୍ରୀଷ୍ମ ଛୁଟି ଲାଗୁ, ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସ ସୀମା ନରଖି ସବୁ ଅଙ୍ଗନବାଡ଼ି କର୍ମୀଙ୍କୁ ପ୍ରି-ପ୍ରାଇମେରୀ ଶିକ୍ଷୟିତ୍ରୀ ମାନ୍ୟତା ପାଇଁ ଦାବି କରିଛି ସଂଘ । ରାଜଧାନୀର ଛାତି ଉପରେ ବିଶାଳ ସମାବେଶ କରି ଶକ୍ତି ପ୍ରଦର୍ଶନ କରିଛି ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ । ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ସତର୍କ କରିଦେଇଛି ସଂଘ ।

# ଆନନ୍ଦ ଉଲ୍ଲାସ ମଧ୍ୟରେ ଲୋକାର୍ପିତ ହେଲା ଭୀମତାଳିର ଅମୃତ ସରୋବର



ଉଦଳା,୨୨/୦୯(ନି.ପ୍ର) – ଗ୍ରାମର ପରିବେଶକୁ ସରସ ସୁନ୍ଦର କରିବା ସହିତ ମନୋରଂଜନ ପାଇଁ ସରକାର ଆରମ୍ଭ କରିଛନ୍ତି ଅମୃତ ସରୋବର ଯୋଜନା । ଏହି ଯୋଜନାରେ ଉଦଳା ବ୍ଲକ ଅନ୍ତର୍ଗତ ଭିମତାଳିସ୍ଥିତ ଗ୍ରାମପଂଚାୟତ କାର୍ଯ୍ୟାଳୟକୁ ଲାଗିକରିଥିବା ପୋଖରୀରେ ୩୫ଲକ୍ଷ ଟଙ୍କା ବ୍ୟୟରେ ପୋଖରିକୁ ସଜାଡ଼ି ଦିଆଯିବା ସଙ୍ଗେ ସଙ୍ଗେ ଏହାର ଚାରି ପାଖରେ ମନୋରଂଜନ ପାଇଁ ଏକ ଉଦ୍ୟାନ ସୃଷ୍ଟି କରାଯାଇଛି । ଏହାକୁ ଉଦ୍‌ଘାଟନ କରିବା ପାଇଁ ଚଳିତ ସେପ୍ଟେମ୍ବର ୨୧ ତାରିଖ ଗୁରୁବାର ଦିନ ଜିଲ୍ଲାପାଳ ଭିନିତ ଭରଦ୍ୱାଜ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଲୋକାର୍ପିତ କରିଥିଲେ । ସରପଂଚ ବିଜୟା ମୁର୍ମୁ, ନାଏବ ସରପଂଚ ରଣଜିତ ପଣ୍ଡା ଓ ମିଶନ ଶକ୍ତି ମହିଳା ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଉକ୍ତ ଉତ୍ସବକୁ ସଫଳ କରିଥିଲେ ।

# ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

ଧର୍ମଶାଳା,୨୨।୯(ନି.ପ୍ର) - ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ବିରଭାନୁପୁରସ୍ଥ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ତ୍ରିଲୋଚନ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମଙ୍ଗରାଜପୁର ପଂଚାୟତ ସରପଂଚ ଜୟନ୍ତୀ ସାହୁ ଓ ମୁଖ୍ୟବକ୍ତାଭାବେ ସମିତିସଭ୍ୟା ଦୁଲଣା ମଲ୍ଲିକଯୋଗ ଦେଇ ସମୟାନୁବର୍ତିତା ହେବା ସହ ଗୁରୁଜନ ଓ ବୟସ୍କ ଲୋକମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ମୋଟ ୪୯ଜଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୋଷାକ ବିତରଣ କରିଥିଲେ । ଶିକ୍ଷକ ରମେଶ କୁମାର ମଲ୍ଲିକ, ବିଶ୍ୱ ରଂଜନ ମଲ୍ଲିକ, ବିଶ୍ୱବନ୍ଧୁ ଗିରି, ରାମଚନ୍ଦ୍ର ଶତପଥୀ, ମହେଶ୍ୱର ରାଉତ, ଶିକ୍ଷାକର୍ମଚାରୀ ବିରଜାକିଙ୍କର ମହାପାତ୍ର , ଅଶୋକ କୁମାର ସାହୁ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ବେହେରା, ବାସନ୍ତୀ ବିଶ୍ୱାଳ,ସଂଯୁକ୍ତା ତ୍ରିପାଠୀ, ପରିଚାଳନା କମିଟିର ସଭ୍ୟ ଉମେଶ ଚନ୍ଦ୍ର ମିଶ୍ର,ମାଧବାନନ୍ଦ ନାୟକ,ସଭ୍ୟା ମଧୁସ୍ମିତା ଖୁଂଟିଆ, ଜଗବନ୍ଧୁ ବାରିକ,ସଂଜୟ କୁମାର ଶତପଥୀ, ଜ୍ୟୋତିମୟୀ ସ୍ୱାଇଁଙ୍କ ସମେତ ଅବିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା,୨୨/୯(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ସ୍ୱାର୍କ-୨୦୨୩ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ଯୋଗ ଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଡେରାବିଶ ବ୍ଲକର ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଆଦର୍ଶ ବିଦ୍ୟାଳୟର ଶିକ୍ଷା ସହିତ ସହଶିକ୍ଷାର ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଇ ଅବସରରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ବାର୍ଷିକ ବିବାରଣୀ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ନିଜ ସଂସ୍କୃତିକୁ ଭୁଲି ନଯିବା ପାଇଁ କହିଥିଲେ। ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ମୁଖ୍ୟ ବକ୍ତାଭାବେ ଯୋଗ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଢ଼ିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଡେରାବିଶ ବ୍ଲକ୍‌ର ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଆଳି ବ୍ଲକ୍‌ର ମଣ୍ଡଳ ଶିକ୍ଷାଧିକାରୀ ରତିକାନ୍ତ ସେନାପତି, ପ୍ରାକ୍ତନ ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଶେଷରେ ପୁରସ୍କୃତ କରିଥିଲେ। ଆଦିକନ୍ଦ ସାହୁ ମଂଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ବିଦ୍ୟାଳୟର ଅଧ୍ୟାପିକା ପାୟଲ ପଣ୍ଡା। ଏଥିରେ ଜିଲ୍ଲାର ୯ଟି ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଷ୍ଠା ଦିବସରେ ସମସ୍ତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ମଲ୍ଲିକ, ମୋତିଲାଲ ସେନାପତି, ପ୍ରିୟବ୍ରତ ସ୍ୱାଇଁ, ସନ୍ଧ୍ୟାରାଣୀ ତାନ, ସନ୍ତୋଷୀ ରାଣୀ ସାମଲ, ଜୟଦେବ ଦେ, ପ୍ରତାପ ସାମଲ, ଲକ୍ଷ୍ମୀକାନ୍ତ ବେହେରା, ରାସ ବିହାରୀ ନାଥ, ଜ୍ଞାନରଞ୍ଜନ କର, ପ୍ରାଞ୍ଜ ବେଦବ୍ୟାସ, ଶୁଭଶ୍ରୀ ପ୍ରିୟଦର୍ଶିନୀ ଓଝା, ଚୌଧୁରୀ ପ୍ରଭାସ ରଞ୍ଜନ, ଦେବରାଜ ନାୟକ, ଭାଗିରଥି ମହାନ୍ତି, ଶିବ ନାରାୟଣ ମହାନ୍ତି, ବୀରବର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ୍ ପରିଚୟ ପତ୍ରରେ ଅନ୍ୟର ମୂଲ୍ୟବାନ ଜମି ହଡ଼ପ ଅଭିଯୋଗ

## ଡିଜିଟାଲ ପଞ୍ଜୀକରଣ ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ : ଡିଏସଆରଙ୍କ ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ

ସମ୍ବଲପୁର,୨୨/୯(ନି.ପ୍ର): ଦୁର୍ବଳ ଶ୍ରେଣୀ ବ୍ୟକ୍ତି ବିଶେଷଙ୍କ ଯଦି କୌଣସି ଠାରେ ମୂଲ୍ୟବାନ ଜମିଜମା ରହିଛି ତେବେ ତାକୁ କଳେ ବଳେ ନତୁବା କୌଶଳେ ହଡ଼ପ କରିବା ଆଜିକାଲିର ତଥାକଥିତ କିଛି ମାଫିଆଙ୍କ ଏକ ନିତିଦିନିଆ କାମରେ ପରିଣତ ହୋଇଯାଇଛି । ଏପରିକି ଜନୈକ ଜମି ମାଲିକ ମୃତ୍ୟୁବରଣ କରିବା ପରେ ତାଙ୍କ ପରିବାର ଲୋକେ ଆର୍ଥିକସ୍ଥିତି ପାଇଁ ଏକ ଜମି ବିକିବା ମସୁଧା କଲା ବେଳକୁ ଜନୈକ ଧୂର୍ତ ଶ୍ରେଣୀର ବ୍ୟକ୍ତି ନିଜର ନକଲି ପ୍ରମାଣପତ୍ର ଆଧାରରେ ଉକ୍ତ ଜମି ବିକ୍ରୀ କରିଦେଇଥିବା ଭଳି ଚାଂଚଲ୍ୟକର ଖବର ଏବେ ସମ୍ବଲପୁର ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି ।
ସୂଚନାନୁଯାୟୀ, ବୁଢ଼ାରଜା ଅଂଚଳର ଏକ ବହୁମୂଲ୍ୟ ଜମିକୁ ଜନୈକ ବ୍ୟକ୍ତି ନିଜର ନକଲି ପରିଚୟ ପତ୍ର ମାଧ୍ୟମରେ ବିକ୍ରି କରିଥିବା ଅଭିଯୋଗ ସଂପ୍ରତି ସରକାରଙ୍କ ଜମିଜମା ବିକ୍ରି ଡିଜିଟାଲ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରାଇଛି । ବୁଢ଼ାରଜା ଅଂଚଳରେ ବିନୋଦ ଗୁପ୍ତା ନାମକ ଜନୈକ ବ୍ୟକ୍ତିଙ୍କର ୨୧ ଡିସିମିଲ ପରିମିତ ଏକ ମୂଲ୍ୟବାନ ଜମି ରହିଛି । ଗତ ୨୦୦୧ ଫେବୃଆରୀ ୨ ତାରିଖରେ ବାର୍ଦ୍ଧକ୍ୟଜନିତ କାରଣରୁ ବିନୋଦଙ୍କ ମୃତ୍ୟୁ ଘଟିଥିଲା । ବିନୋଦଙ୍କ ମୃତ୍ୟୁ ପରେ ତାଙ୍କ ସାନ ଭାଇ ମୁରାରୀ କୁମାର ଗୁପ୍ତା ଉକ୍ତ ଜମିକୁ ଚିହ୍ନଟ କରି ବିକ୍ରି କରିବା ପାଇଁ ପାରିବାରିକ ନିଷ୍ପତି ନେଇଥିଲେ । ଉକ୍ତ ଜମି ବିକ୍ରୀ ପାଇଁ କ୍ରେତା ଯୋଗାଡ ହେବା ପରେ ଜମିର ନଥିପତ୍ର ଯାଂଚ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେତେବେଳେ ଜଣା ପଡ଼ିଥିଲା ଯେ, ଉକ୍ତ ଜମିଟି ଗତ ୨୦୨୨ ସେପଟ୍ଟେମ୍ବର ୨୩ ତାରିଖରେ ବିକ୍ରି ହୋଇସାରିଛି । ପରବର୍ତୀ ସମୟରେ ଏହି ଜମି ବିକ୍ରିର ସମସ୍ତ ବିଷୟରେ ଅନୁସନ୍ଧାନ କରିବାରେ ଜଣାପଡ଼ିଥିଲା ଯେ, ଗୋବିନ୍ଦ ମେହେର ନାମକ ଜନୈକ ଧୂର୍ତ ବ୍ୟକ୍ତି ମୃତ ବିନୋଦ କୁମାର ଗୁପ୍ତାଙ୍କ ନକଲି ପରିଚୟ ପତ୍ର ପ୍ରଦାନ କରି ଉକ୍ତ ଜମି ଅନ୍ୟ କାହାରିକୁ ବିକ୍ରି କରି ଦେଇଛନ୍ତି । ନିଜ ପରିବାରର ଏକ ମୂଲ୍ୟବାନ ଜମି ଅନ୍ୟ କେହି କିପରି ହଡ଼ପ କରି ଅନ୍ୟକୁ ବିକ୍ରି କରିପାରିଲା ସେନେଇ ଆଜି ମୃତ ବିନୋଦଙ୍କ ଭାଇ ମୁରାରୀ କୁମାର ଗୁପ୍ତା ସବିଶେଷ ତଥ୍ୟ ଓ କାଗଜାତ୍ ସଂଲଗ୍ନ କରି ସମ୍ବଲପୁର ଜିଲ୍ଲା ଉପ ପଞ୍ଜିକରଣ ଅଧିକାରୀ (ଡିଏସଆର)ଙ୍କ ନିକଟରେ ଫେରାଦ ହୋଇଛନ୍ତି । ଏଥି ସହିତ ନିଜ ଜମିର ପୁରୁଣା ନକଲି ପଞ୍ଜିକରଣକୁ ବାତିଲ କରି ନୂତନ ଭାବେ ତାଙ୍କୁ ଜମି ବିକ୍ରିର ପଞ୍ଜିକରଣ ପାଇଁ ଅନୁମତି ଦେବାପାଇଁ ଅନୁରୋଧ କରିଛନ୍ତି। ଏଠାରେ ଏବେ ସାଧାରଣରେ ପ୍ରଶ୍ନ ଉଠେ ଯେ, ବିକାଶଶୀଳ ରାଷ୍ଟ୍ରରେ ଏତେ ବଡ ବିଶାଳ ଡିଜିଟାଲ ଦୁନିଆଁ ଓ ଇ- ଗଭର୍ଣ୍ଣାନ୍ସ ବ୍ୟବସ୍ଥା ଥିବା ସତ୍ୱେ ଏଭଳି ଜାଲିଆତି ହେଲା କିପରି । ଜିଲ୍ଲା ପ୍ରଶାସନର କେଉଁ ଦୁର୍ବଳତାର ରାସ୍ତାରେ ଦଲାଲ କିସମର ଧୂର୍ତମାନେ ଅନ୍ୟର ଜମିକୁ ବିକ୍ରି-ଖରିଦ କରିବାରେ ସଫଳ ହୋଇପାରୁଛନ୍ତି ତାହା ତଦନ୍ତ ସାପେକ୍ଷ । ଅପରପକ୍ଷେ ନକଲି ପରିଚୟ ପତ୍ର ତିଆରି କରୁଥିବା ବ୍ୟକ୍ତି, ପ୍ରଶାସନିକ କଳର ଏହାକୁ ଯାଂଚ୍ କରୁଥିବା ଅଧିକାରୀ ଓ ଏଭଳି ଘଟଣାରେ ସାକ୍ଷ୍ୟ ଦେଉଥିବା ଦଲାଲ କିସମର ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ବିଭାଗ କି ପଦକ୍ଷେପ ନେବ ତାହା ଏବେ ମୁଖ୍ୟ ପ୍ରଶ୍ନବାଚୀ ହୋଇଛି । ଗୋଟିଏ ପଟେ ରାଜ୍ୟରେ ସ୍ୱଚ୍ଛ ଓ ନିର୍ମଳ ସରକାରର ଶାସନ ଚାଲିଥିବା ବେଳେ ଏଭଳି ଭ୍ରଷ୍ଟାଚାର ଓ ଦୁର୍ନୀତି କିଭଳି ହୋଇପାରୁଛି ସେନେଇ ବହୁ ବୁଦ୍ଧିଜୀବୀ ଉଦବେଗ ପ୍ରକାଶ କରିଥିବା ବେଳେ ଜିଲ୍ଲାର ସଂଖ୍ୟାଧିକ ଅଶିକ୍ଷିତ, ସାଧାରଣ, ଗରିବ, ଦଳିତ, ଆଦିବାସୀ ଲୋକଙ୍କ ଜମି କେତେ ସୁରକ୍ଷିତ ତାହା ଆମର ସ୍ୱଚ୍ଛ ଓ ନିର୍ମଳ ସରକାରର ଶାସନକଳ ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ।

# ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ସ୍ଥଳରେ ନରସିଂହ

## ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବି ନେଇ ବିଧାନସଭା ହେବ ହୁଲସ୍ଥୁଲ - ନରସିଂହ

ବଲାଙ୍ଗୀର,୨୨/୯(ନି.ପ୍ର): ପ୍ରାଥମକ ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ ଅଟେ । ମୁଁ ଏବଂ ମୋ ଦଳ ଏହାକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରୁଛି । ରାଜ୍ୟ ସରକାର ଗୋଟିଏ ପଟେ କହୁଛନ୍ତି ପ୍ରତ୍ୟେକ କ୍ଷେତ୍ରରେ ଠିକା ନିଯୁକ୍ତି ବନ୍ଦ କରିବେ କିନ୍ତୁ ନିଜ କଥାକୁ ନିଜେ ପୁଣି ଫେରାଇ ନେଇ ଶିକ୍ଷକ କ୍ଷେତ୍ରରେ ଠିକା ନିଯୁକ୍ତି ଚାଲୁ ରଖିଛନ୍ତି । କେବଳ ଏତିକି ନୁହେଁ ତାଙ୍କ ଗ୍ରେଡ୍ ପେ ରେ ବୃଦ୍ଧି ଏବଂ ପୁରୁଣା ପେନସନ ନୀତି ଚାଲୁ ରଖିବା ଦାବିରେ ସାରା ରାଜ୍ୟରେ ଲକ୍ଷାଧିକ ଶିକ୍ଷକ ଗତ ୮ ତାରିଖରୁ ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଦାବି ଗୁଡିକୁ ସରକାର ଯଦି ପୁରଣ ନ କରିବେ ତେବେ ବିଧାନସଭାରେ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବିକୁ ନେଇ ବିଧାନସଭା ହୁଲସ୍ଥୁଲ କରାଯିବ ବୋଲି ଶିକ୍ଷକଙ୍କ ଗଣଧାରଣାରେ ଯୋଗଦେଇ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଛନ୍ତି ।
ସେ ଆହୁରି ମଧ କହିଛନ୍ତି ଯେ, ଶିକ୍ଷା ହିଁ ସମାଜର ଅର୍ଥନୀତିକୁ ସୁଦୃଢ଼ କରିଥାଏ, କିନ୍ତୁ ଦେଖାଦେଉଛି ଏହି ସରକାର ଦୀର୍ଘ ସମୟ ଧରି ଶାସନରେ ଥିଲେ ହେଁ ଶିକ୍ଷକମାନଙ୍କର ସ୍ଥିତି ଦୋହଲିବାରେ ଲାଗିଛି । ସ୍କୁଲ ଭିତିଭୂମି ସାଙ୍ଗକୁ ଏପରି ଅନେକ ସ୍କୁଲ ଅଛି ଯେଉଁ ଠାରେ ଶିକ୍ଷକ ନାହାନ୍ତି । ଶିକ୍ଷକ ଥିଲେ ଅନ୍ୟାନ୍ୟ କର୍ମଚାରୀ ନାହାନ୍ତି । ପ୍ରାୟତଃ ରାଜ୍ୟର ସମସ୍ତ ସରକାରୀ ସ୍କୁଲ ଏବେ ବନ୍ଦ ପଡି ରହିଛି । ଏହା ସରକାରଙ୍କର ଏକ ସୁଚିନ୍ତିତ ଷଡଯନ୍ତ୍ର । ଏହାକୁ ନେଇ ଶିକ୍ଷକ ସମାଜ ସଚେତନ ରୁହନ୍ତୁ, ବିଧାନସଭାରେ ନିଶ୍ଚିତ ଲଢେଇ ହେବ ଆପଣମାନେ ବାହାରେ ଆପଣଙ୍କ ଆନ୍ଦୋଳନକୁ ଜାରି ରଖନ୍ତୁ । ଗୋଟିଏ ଶିକ୍ଷାନୀତିରେ ୫ ପ୍ରକାର ଶିକ୍ଷକ, ୫ ପ୍ରକାର ଦରମାକୁ ଆଉ ବରଦାସ୍ତ କରାଯିବ ନାହିଁ । ଏହି ଆନ୍ଦୋଳନରେ ଅଭିଭାବକ ତଥା ସାଧାରଣ ଜନତାଙ୍କୁ ସାମିଲ କରନ୍ତୁ ଦେଖିବେ ଆପଣଙ୍କ ନ୍ୟାର୍ଯ୍ୟ ଦାବିକୁ ନିଶ୍ଚିତ ଭାବରେ ସରକାର ମାନିବେ ବୋଲି ସେ କହିଥିଲେ ।

# ଛତ୍ରପୁର ବ୍ଲକ୍ ଅଂଚଳର ପାରମ୍ପରିକ ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ

ଗଞ୍ଜାମ,୨୨/୯(ନି.ପ୍ର): ଛତ୍ରପୁର ବ୍ଲକ୍ ଅଂଚଳର ସମସ୍ତ ଗ୍ରାମାଚଂଳରେ ପାରମ୍ପରିକ ଲୋକକଳା ମାଧ୍ୟମରେ ସରକାରଙ୍କ ଜନହିତକର ଯୋଜନା ଗୁଡିକର ପ୍ରଚାର ପ୍ରସାର କରାଯିବ। ଏଥିନେଇ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ପରେ ବ୍ଲକ୍ ସ୍ତରୀୟ ପାରମ୍ପରିକ ଲୋକକଳା ଦଳ ଚୟନ ଓ ପଞ୍ଜିକରଣ ପରେ ଛତ୍ରପୁର ବ୍ଲକ୍ ର ୩୦ ଗୋଟି ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଛତ୍ରପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ପ୍ରକୋଷ୍ଠ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପ୍ରଶିକ୍ଷଣ ପ୍ରଦାନ ଶିବିରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ରହି ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ନିୟୋଜିତ ହେବାକୁ ଥିବା ପାରମ୍ପରିକ ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସରକାରଙ୍କର ଜନହିତକର ଯୋଜନାର ପ୍ରଚାର ପ୍ରସାର ଲୋକକଳା ମାଧ୍ୟମରେ କରିବାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇ କଳାକାର ମାନଙ୍କର କଳା ପ୍ରଦର୍ଶନ ମାଧ୍ୟମରେ ଲୋକକଳାର ମୌଳିକତାକୁ ନଷ୍ଟକରି କିଭଳି ପ୍ରଚାର କରିବେ ତାହା ପ୍ରଶିକ୍ଷଣରେ ପ୍ରଦାନ କରାଯାଇଥିଲା । ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାର ସମସ୍ତ ଗ୍ରାମାଚଂଳରେ ପ୍ରଚାର ପ୍ରସାର ହେବ । ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣ କିଭଳି ସୂଚନା ପାଇବେ ଏବଂ ଏହି ଯୋଜନାରୁ ଉପକୃତ ହେବେ ସେହି ଆଭିମୁଖ୍ୟ ନେଇ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କଳାକାରଗଣ ପ୍ରଶିକ୍ଷଣ ପାଇଥିଲେ । ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବରାଳ ସମସ୍ତ କଳାକାର ମାନଙ୍କ ଠାରୁ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କିଭଳି ସୁଚାରୁ ରୂପେ ସମ୍ପାଦିତ ହେବ ସେଥିନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମନ୍ୱୀତ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରଣମିତା ପଣ୍ଡା ଏବଂ କୃଷି ଅଧିଦର୍ଶକ ଦୂର୍ଗା ପ୍ରସାଦ ପ୍ରଧାନସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ କଳାକାର ମାନଙ୍କୁ ଅବଗତ କରାଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟରେ କଳାକାରଗଣ କିଭଳି କାର୍ଯ୍ୟକ୍ରମ ପରିବେଷଣ କରିବେ, କେଉଁ ସବୁ ବିଷୟ ବସ୍ତୁ ଗୁଡିକ ଉପରେ ଅଧିକ ଯତ୍ନବାନ ହେବେ, କେଉଁଠି କାର୍ଯ୍ୟକ୍ରମ ପରିବେଷଣ କରିବେ ଏହି ସମ୍ପର୍କିତ ସମସ୍ତ ବିଷୟରେ କଳାକାର ମାନଙ୍କୁ ଅବଗତ କରାଯାଇଥିଲା ।
ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ମୋହନ ସେନାପତି ଏବଂ ବ୍ଲକ୍ କଳା ସାଂସ୍କୃତିକ ସଂଘର ଉପସଭାପତି ପ୍ରଶାନ୍ତ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାଟିରେ ପଞ୍ଜିକୃତ ହୋଇଥିବା ୩୦ ଗୋଟି ଦଳର ଦଳମୁଖ୍ୟ ଏବଂ ବରିଷ୍ଠ କଳାକାର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ମିଶ୍ରଣ ପର୍ବ

ଭଦ୍ରକ,୨୨/୯(ନି.ପ୍ର): - ଆଜି ଏହି ଜିଲାର ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଭଦ୍ରକସ୍ଥିତ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଏହି ନିର୍ବାଚନ ମଣ୍ଡଳୀ ବନ୍ତ ବ୍ଲକ୍‌ସ୍ଥିତ ଗୋପୀନାଥପୁର ଗ୍ରାମପ।ୟତର କଂଗ୍ରେସ ବିଜେପି ଦଳ ପରିତ୍ୟାଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଶାସନ, ବିଧାୟକଙ୍କ ପ୍ରଗତିମୂଳକ କାର୍ଯ୍ୟ ଓ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ ବିଧିବଦ୍ଧଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟର୍କାଙ୍କୁ ବିଧାୟକଙ୍କ ପ୍ରତିନିଧି ଇଂ ସାମଲ ଉ ରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ୍ ଚେୟାରମେନ୍ ମନୋରଂଜନ ଘଡେଇ, ବରିଷ୍ଠ ନେତୃତ୍ୱ କରୁଣାକର ଦାସ, ଯୁବନେତା ପ୍ରିୟବ୍ରତ ଯେନା ଓ ଚି ରଂଜନ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

# କଲଭଟ ନିକଟରେ ଥିବା ଗର୍ତ୍ତ ମରାମତି ନେଇ ଦାବି

ଜୟପୁର,୨୨/୯(ନି.ପ୍ର): ଜୟପୁର ବ୍ଲକ ଟାଙ୍କୁଗୁଡା ଗ୍ରାମ ନିକଟରେ ଆରଡି ଦ୍ୱାରା ଏକ କଲଭଟ ନିର୍ମାଣ ହୋଇଛି। ସେଠାରେ ୧୦ ଫୁଟର ଗର୍ତ ସୃଷ୍ଟି ହୋଇଛି । ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ଏହି ଗର୍ତ ଦ୍ୱାରା ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି ।ଏନେଇ ଗ୍ରାମବାସୀଙ୍କ ତରଫରୁ ଗ୍ରାମ୍ୟ ନିର୍ମାଣ ବିଭାଜନ ଜୟପୁର ନିବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ତେଣୁ ବିଭାଗ ଏହି ଗର୍ତଟିକୁ ଯଥା ଶିଘ୍ର ମରାମତି କଲେ ଅନେକ ଜୀବନ ବିପଦରୁ ମୁକ୍ତି ପାଇପାରିବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇ ଏକ ଦାବି ପତ୍ର ବି ହରି ରାଓ, ମୁନା ପଟ୍ଟନାୟକ, କମଳ ଲୋଚନ ପେଣ୍ଡିଆ, ବଲ୍ଲଭ ମୁଦୁଲି ଧନୁର୍ଯ୍ୟ ଗାଧବା ପ୍ରମୁଖ ଦାବି କରିଛନ୍ତି ।

# ନୀଳଗିରି ଏନଏସି ତରଫରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଉଦଘାଟିତ

ନୀଳଗିରି,୨୨/୯(ନି.ପ୍ର): ନୀଳଗିରି ଏନଏସି ତରଫରୁ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମ ଆଜି ସକାଳ ୭ ଟା ସମୟରେ ଉଦଘାଟନ ହୋଇଛି। ଆଜି ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏନଏସିର ବିଭିନ୍ନ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଏହି ଯୋଜନାରେ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥିଭାବେ ଏନଏସି ଅଧକ୍ଷା ଅମ୍ବିକା ଦାସ,ସମ୍ମାନିତ



ଅତିଥିଭାବେ ଉପାଧକ୍ଷ ମହେନ୍ଦ୍ରନାଥ ବେହେରା,ଏନଏସି ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡ୍ତୁ, କାଉନସିଲର, ଏନଏସି କର୍ମଚାରୀ ଓ ୟୁରେକା ଏନଜିଓ କର୍ମଚାରୀ ମାନେ ଯୋଗଦେଇ ଥିଲେ।

# ଏକତା ଗ୍ରୁପ ପକ୍ଷରୁ ନୂଆଁଖାଇ ଭେଟଘାଟ

ସମ୍ବଲପୁର,୨୨/୯(ନି.ପ୍ର): 'ମାଟିରୁ ଉତ୍ପାଦିତ ପ୍ରଥମ ଶସ୍ୟର ଅନ୍ନରୂପୀ ବୀଜକୁ ଈଶ୍ୱରଙ୍କ ପାଖରେ ସମର୍ପି ଦେବାର ମହାର୍ଘ ପରମ୍ପରା ଗଣପର୍ବ ନୂଆଁଖାଇ ଭେଟଭାଟ କାର୍ଯ୍ୟକ୍ରମ ସମ୍ବଲପୁର ସହରର ଅଗ୍ରଣୀ ଏକତା ଗ୍ରୁପ ପକ୍ଷରୁ ବୀରମହାରାଜପୁର ସ୍ଥିତ କଦଳୀ ପାଲି ଛକ ଠାରେ ଧୁମଧାମରେ ପାଳିତ ହୋଇଯାଇଛି । ଏକତା ଗ୍ରୁପର ମୁଖ୍ୟ ସାଂଯୋଜକ ପାଣିନୀ ପ୍ରାଙ୍କଙ୍କ ପରିଚାଳନାରେ କଦଳୀ ପାଲି ଭଗବତ ମନ୍ଦିର ମଞ୍ଚରେ ଆୟୋଜିତ ଭେଟଘାଟ୍ ପର୍ବରେ ଉଭୟ ଜୁନିୟର ଓ ସିନିୟର ବିଭାଗରେ କିଶୋର ନୃତ୍ୟଶିଳ୍ପୀମାନେ ଏକକ ଓ ଦଳଗତ ଲୋକନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ସାମ୍ବାଦିକ ରବୀନ୍ଦ୍ର ହୋତା ଓ ଡ଼ଃ ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ପ୍ରତିଭାଙ୍କ ସୃଜନ କଳାର ପରିପ୍ରକାଶ ପାଇଁ ଏହି ମଞ୍ଚ ଏକ ମହାର୍ଘ ସୁଯୋଗ ବୋଲି ସମ୍ବୋଧିତ କରିବା ସହ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଥମ ଥର ପାଇଁ ଏକତା ଗ୍ରୁପ ପକ୍ଷରୁ ଆୟୋଜିତ ଏହି ଭେଟଘାଟ୍ ସମାରୋହରେ ଏଡି ମିଡ଼ିଆର ମୁଖ୍ୟ ସଂଚାଳିକା ନମିତା ହୋତା, ନୃତ୍ୟ ନିର୍ଦ୍ଦେଶିକା ପୂଜା ମିଶ୍ର ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ । ଏକକ ନୃତ୍ୟର ଜୁନିୟର ବିଭାଗରେ ବର୍ଷା ଜାମୁଡାଳିଆ ପ୍ରଥମ, ବିୟୁଟି ଖେତି ଦ୍ୱିତୀୟ ଓ ତୂର୍ଯ୍ୟାନ ପ୍ରଧାନ ତୃତୀୟ ଏବଂ ସିନିୟର ବିଭାଗରେ ଖୁଲନା ବିଭାର ପ୍ରଥମ, ଅର୍ଚ୍ଚିତା ବିଶ୍ୱାଳ ଦ୍ୱିତୀୟ ଓ କାଜଲ ବଗର୍ତ୍ତି ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ । ସେହିପରି ଦଳଗତ ନୃତ୍ୟରେ ବଳିପାଲି ପ୍ରଥମ, ବାରଝୁଲା ଦ୍ୱିତୀୟ ଓ ମହୁଲପାଲି ତୃତୀୟ ସ୍ଥାନ ହାସଲ କରି ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଶିଶୁ କଳାକାର ପ୍ରଣମ ପ୍ରାଙ୍କଙ୍କୁ ସ୍ୱତନ୍ତ୍ର ଜୁରୀ ଆୱାର୍ଡ ଦିଆଯାଇଥିଲା । ଅନ୍ୟ ଏକ ପ୍ରମୁଖ ବିଭାଗ ବ୍ୟଞ୍ଜନ ପ୍ରସ୍ତୁତି ପ୍ରତିଯୋଗିତାରେ ସୁପ୍ରଭା ସାହୁ ପ୍ରଥମ, ପଙ୍କଜିନି ସାହୁ ଦ୍ୱିତୀୟ ଓ କଳ୍ପନା ସାହୁ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । ଏକତା ଗ୍ରୁପର ବରିଷ୍ଠ ସଦସ୍ୟ କ୍ଷେତ୍ରବାସୀ ଷାଣ୍ଡ କାର୍ଯ୍ୟକ୍ରମର ଉଦଘୋଷକ ଭାବେ କାର୍ଯ୍ୟ ତୁଲାଇ ଥିବାବେଳେ ଏକତା ଗ୍ରୁପର ସାଂଯୋଜକ ଅଶୋକ କୁମାର ସାହୁ, କୋଷାଧକ୍ଷ କୁନାଲ ମିଶ୍ର ଓ ପବିତ୍ର କମ୍ପ, ଚୈତନ୍ୟ ପ୍ରଧାନ, ଦୁର୍ବାଦଳ ସାହୁ, ସଂଜୟ ସାହୁ, ଶୁଭ ପ୍ରାସାଦ ବିଶ୍ୱାଳ, କୁର୍ତ୍ତି ବିଶ୍ୱାଳ, ଗୌତମ ପଧାନ ପ୍ରମୁଖ ଅନେକ ସଦସ୍ୟ ସହଯୋଗ କରିଥିଲେ ।

# ପଂଚପଲ୍ଲୀ କନିଷ୍ଠ ମହାବିଦ୍ୟାଳୟରେ ଜନଜାଗୃତି ମଂଚ ତରଫରୁ ସଚେତନତା କାର୍ଯ୍ୟକ୍ରମ



ଉଦଳା –ତା.୨୨/୦୯(ନି.ପ୍ର) – ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ସାଇଁକୁଳାସ୍ଥିତ ପଂଚପଲ୍ଲି କନିଷ୍ଠ ମହାବିଦ୍ୟାଳୟ ପରିସରରେ ସ୍ୱେଛାସେବୀ ସଂଗଠନ ଜନଜାଗୃତି ମଂଚ ତରଫରୁ ଆଜି ସେପ୍ଟେମ୍ବର ୨୨ ତାରିଖ ଶୁକ୍ରବାର ଦିନ ସାମାଜିକ ଗଣମାଧମର ଉପଯୋଗ ଓ ସୂଚନା ଅଧିକାର ଆଇନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ଗୁଣକର ଦାସ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ା ସହିତ ଦେଶ ଗଠନରେ କିପରି ନିଜକୁ ନିୟୋଜିତ କରିପାରିବେ ସେ ସମ୍ପର୍କରେ ଜଣାଇଥିଲେ । ଏହାପରେ ଜନଜାଗୃତି ମଂଚର ସଦସ୍ୟ ଗୌତମ ମହାପାତ୍ର ସମସ୍ତଙ୍କର ପରିଚୟ ପ୍ରଦାନ ସହିତ ଆଜିର ଏହି କାର୍ଯ୍ୟକ୍ରମର ଲକ୍ଷ, ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମଂଚର ଟିମ ଲିଡ଼ର ଗଦାଧର ଦାଶ ସାମାଜିକ ଗଣମାଧମ ଯଥା- ଫେସବୁକ, ଟୁଇଟର, ଇନଷ୍ଟା ଇତ୍ୟାଦିର ବ୍ୟବହାର ଶିଖିବା ସମସ୍ତଙ୍କ ପକ୍ଷେ ଧିରେ ଧିରେ କିପରି ଜରୁରୀ ହୋଇ ପଡୁଛି ଏବଂ ଏହାଦ୍ୱାରା ବହୁ ସମସ୍ୟାର ସମାଧାନ କିପରି ହୋଇପାରୁଛି ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମଂଚର ସଦସ୍ୟ ଆରତି , ଭାରତି ଓ ନିରୁପମା ଟୁଇଟର ଆକାଉଂଟ ଖୋଲିବା ଓ ଏହାର ବ୍ୟବହାର ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଶେଷରେ ସୁବ୍ରତ କୁମାର ମହାନ୍ତି ସୂଚନା ଅଧିକାର ଆଇନ ସମ୍ପର୍କରେ ଜଣାଇବା ସହ ଦେଶରୁ ଦୁର୍ନିତି ଦୁର କରିବା ପାଇଁ ଏହା କିପରି ସହାୟକ ହୋଇଛି ସେ ସମ୍ପର୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପକ ଜୟନ୍ତ କୁମାର ପତି , ଜୟନ୍ତ କୁମାର ପ୍ରଧାନ, ସୁଧିର କୁମାର ରୁପ ଓ ଅଧାପିକା ଉର୍ମିଳା ନାୟକ ସହଯୋଗ କରିଥିଲେ । ଶେଷରେ ମୁକ୍ତିପ୍ରିୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭତ୍ତା ମିଳିବା ନେଇ ଅଭିନବ ଉପାୟରେ ବିଡିଓଙ୍କ ନିକଟରେ ଧାରଣା

ଭଦ୍ରକ,୨୨/୯(ନି.ପ୍ର):- ଭଦ୍ରକ ବ୍ଲକ୍ ଅଧୀନସ୍ଥ କୋରକୋରା ଗ୍ରାମପ ।ୟତର ୩ଟି ଗ୍ରାମର ଶତାଧିକ ଗରିବ ଶ୍ରେଣୀର ବୃଦ୍ଧ, ବୃଦ୍ଧାମାନଙ୍କ ଭତ୍ତା ପାଇବାର ସ୍ଥାନ ପରିବର୍ି ନକୁ ନେଇ ଆଜି ପୂର୍ବତନ ସମିତି ସଭ୍ୟ ତଥା ସରପ ଙ୍କ ପ୍ରତିନିଧି ଧବଳେଶ୍ୱର ପଣ୍ଡା ସ୍ଥାନୀୟ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଭାବେ ହାତଯୋଡି ଶୋଇ ଗୁହାରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଠାରେ ସୂଚନାଯୋଗ୍ୟ ଏହି ୩ଟି ଗ୍ରାମର ଶତାଧିକ ଦରିଦ୍ର ବୃଦ୍ଧ-ବୃଦ୍ଧାମାନେ ଦୀର୍ଘବର୍ଷ ହେବ ଗୋଟିଏ ସ୍ଥାନରେ ଭ । ପାଇଆସୁଥିବାବେଳେ ସ୍ଥାନୀୟ ବିଡିଓ ଚଳିତମାସ ଠାରୁ ପ ।ୟତ ଅଫିସ୍ ବ୍ୟତୀତ ଅନ୍ୟ କେଉଁଠାରେ ତାହା ବ ନ କରାଯିବନାହିଁ ବୋଲି ରାତିଅଧିଆ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଯାହାଫଳରେ ଉକ୍ତ ୩ଟି ରାଜସ୍ୱ ଗ୍ରାମ ତିହିଡି, ରାଜପୁର, ବରଡାଡିହି ଗ୍ରାମର ଶତାଧିକ ବୟସ୍କ ବ୍ୟକ୍ତିମାନେ ଭ। ପାଇଁ ପଂଚାୟତ ଅଫିସ୍‌କୁ ଯିବାକୁ ହେଲେ ୧୦ ରୁ ୧୨ କିଲୋମିଟର ପ୍ରାୟ ୨୫୦ ଟଙ୍କା ଅଟୋଭଡା କରି ଯିବାକୁ ପଡୁଥିବା ନେଇ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଏବଂ ଏହାଫଳରେ ପ ।ୟତର ଅଧିକାଂଶ ବୟସ୍କ ଲୋକ ୫ ଶହ ଟଙ୍କା ଭ । ପାଉଥିବାବେଳେ ସେଥିରୁ ଅଧା ଟଙ୍କା ଯାତାୟତରେ ଖର୍ଚ୍ଚ ହେଉଥିବାରୁ ତଥା ରାସ୍ତା ଭଲନଥିବା ନେଇ ଆଜି ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏବଂ ଉକ୍ତ ସମସ୍ୟାର ସମାଧାନ ସହ ବହୁ ବ୍ୟକ୍ତି ଚଳିତମାସ ଭ । ପାଇନଥିବାରୁ ତାହା ମିଳିବା ନେଇ ନିବେଦନ କରିଥିଲେ। ଏବଂ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଶ୍ରୀ ପଣ୍ଡା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଭାବେ ହାତଯୋଡି ସାଷ୍ଟାଙ୍ଗ ଦଣ୍ଡବତ ମୁଦ୍ରାରେ ନିଜର ଦାବି ଜାହିର କରିଥିଲେ। ପରବର୍ି ସମୟରେ ବିଡିଓ ସେମାନଙ୍କ ସହ ଆଲୋଚନା କରି ଅଭିଯୋଗ ପାଇବା ପରେ ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ ଭ । ବ ନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାକାରୀ ଧାରଣାରୁ ଓହରିଥିଲେ।

# ଜୁନିୟର ଷ୍ଟାଲିନଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ,୨୨/୦୯ :: ସନାତନ ଧର୍ମ ଉପରେ ବିବାଦୀୟ ଟିପ୍ପଣୀ ଘଟଣାାରେ ତାମିଲନାଡୁ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ସୁପ୍ରିମକ୍କୋର୍ଟର ନୋଟିସ୍ । ସନାତନ ଧର୍ମକୁ ନେଇ ଷ୍ଟାଲିନ କିଛି ଦିନ ପୂର୍ବରୁ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସନାତନ ଧମର୍କୁ ମ୍ୟାଲେରିଆ ଓ ଡେଙ୍ଗୁ ସହ ତୁଳନା କରିବା ସହ ଦେଶରୁ ଏହା ମୂଳପୋଛର ଆବଶ୍ୟକତା ଥିବା ମନ୍ତ୍ରୀ କହିଥିଲେ । କିଛି ଦିନ ନପୁରୁଣୁ ଡିଏମକେ ସାଂସଦ ଏ ରାଜା ମଧ୍ୟ ସନାତନ ଧର୍ମକୁ ନେଇ ଆପତିଜନକ ଟିପ୍ପଣୀ ଦେଇଥିଲେ । ସନାତନ ଧର୍ମ ଉପରେ ଉଦୟନିଧିଙ୍କ ଟପ୍ପଣୀକୁ ନେଇ ସାରା ଦେଶରେ ଆକ୍ରୋଶ ଦେଖାଦେଇଥିଲା । ଉଦୟନିଧି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ମୋର ଟିପ୍ପଣୀକୁ ବିଜେପି ଜାଣିଶୁଣି ଏପରି ବିଭ୍ରାନ୍ତି କରୁଛି ।

# ଲୋକସଭା ନିର୍ବାଚନ ପୂର୍ବରୁ ବଢିଲା ଏନଡିଏର ବଳ



ନୂଆଦିଲ୍ଲୀ,୨୨/୦୯ :: ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ବଢ଼ିଲା ଏନଡିଏର ବଳ । ମେଂଟରେ ସାମିଲ ହେଲା କର୍ଣ୍ଣାଟକର ଆଂଚଳିକ ଦଳ ଜେଡିଏସ । ଗୃହମନ୍ତ୍ରୀ ଅମିତ ଶାହାଙ୍କ ସରକାରୀ ବାସଭବନରେ ପହଁଚି ଜେଡିଏସ ନେତା ଏଚଡି କୁମାରସ୍ୱାମୀ ମେଂଟ ସହ ହାତ ମିଳାଇଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ମଧ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଜେଡିଏସର ମିଶ୍ରଣ ଏନଡିଏର ଶକ୍ତିବୃଦ୍ଧି କରିବ ବୋଲି କୁହାଯାଉଛି । ଲୋକସଭା ସିଟ୍ ଭାଗବଂଟା ନେଇ ଏଥିରେ ବିସ୍ତୃତ ଚର୍ଚ୍ଚା କରାଯାଇଛି । ୨୦୧୯ ନିର୍ବାଚନରେ କର୍ଣ୍ଣାଟକର ୨୮ ଲୋକସଭା ଆସନରୁ ବିଜେପି ଏକାକୀ ୨୫ଟି ଆସନରେ ବିଜୟଲାଭ କରିଥିବା ବେଳେ କଂଗ୍ରେସ ଓ ଜେଡିଏସ୍ ଗୋଟିଏ ଗୋଟିଏ ଜିତିଥିଲେ । ବତର୍ମାନ ଏନଡିଏରେ ଜେଡିଏସ ମିଶିବା ପରେ କଂଗ୍ରେସ ପାଇଁ ଅଡୁଆ ବଢିପାରେ ।

# ପୌରସଂସ୍ଥା ତରଫରୁ ସଫେଇ ମିତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା,୨୨/୯(ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏନେଇ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଥିଲା । ପୌରାଂଚଳରେ କାର୍ଯ୍ୟ କରୁଥିବା ସମସ୍ତ ସୁଇପର, ସୁପର ଭାଇଜର, ସଫେଇ ମିତ୍ର ଓ କର୍ମଚାରୀମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ନେଇଥିଲେ । ଏଥିସହିତ ପୌର ଅଧକ୍ଷା ଶ୍ରୀମତୀ ସରିତା ସାହୁଙ୍କ ଅଧକ୍ଷତା ରେ ଏକ ସଭାର ଆୟୋଜନ କରାଯାଇ ଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ସୌମ୍ୟ ରଞ୍ଜନ ଲେଙ୍କା, ପୌର ଉପାଧକ୍ଷା ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, କାଉନସିଲର ସୁକୁମାର ଚୌଧୁରୀ, ରମେଶ ଦାସ, ତୁଳସୀ ହେମ୍ବ୍ରମ୍, ଅସୀମା ନାୟକ, ସେବିକା ସସ୍ମିତା ସ୍ୱାଇଁ, ଫାର୍ମାଶିଷ୍ଟ ତୁଷାର ପ୍ରସନ୍ନ କୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ସଫେଇ କର୍ମଚାରୀମାନେ ଉତମ ଭାବରେ କାର୍ଯ୍ୟ କରୁଥିବା ନେଇ ପ୍ରଶଂସା କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ବିଷୟରେ ପଦକ୍ଷେପ ନିଆଯାଉ ଥିବା ପ୍ରକାଶ କରିଥିଲେ ।

# ପିରବାଗ ବିଦ୍ୟାଳୟ ବନ୍ଦ : ୪୫ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଆଲୋକ ଦେଖିବାରୁ ବଂଚିତ

ଜଳେଶ୍ୱର.୨୨/୯(ନି.ପ୍ର) : ଜଳେଶ୍ୱର ବ୍ଲକର ୧୦ଟି ବିଦ୍ୟାଳୟ ବନ୍ଦ ହୋଇ ଯାଇଥିବା ବେଳେ ଏବେ ସେଥିରୁ ଉପାନ୍ତ ତଥା ୩ ପଟେ ଖାଲ ପରିବେଷ୍ଟିତ ଗ୍ରାମ ପିରବାଗର ଛାତ୍ରଛାତ୍ରୀ ଅନ୍ୟତ୍ର ଶିକ୍ଷଲାଭ ଲାଗି ଯାଇପାରୁନଥିବାରୁ ୪୫ଜଣ ଛାତ୍ରଛାତ୍ରୀ ପାଠପଢା ଛାଡିଛନ୍ତି । ତେଣୁ ପିରବାଗ ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କଠାରେ ଦାବି କରାଯାଇଛି । ରାଜ୍ୟ ସରକାରଙ୍କ ଏଲିମେଣ୍ଟାରୀ ଶିକ୍ଷାବିଭାଗର ନିର୍ଦ୍ଦେଶ ଅନୁଯାୟୀ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ନିକଟସ୍ଥ ଅନ୍ୟ ବିଦ୍ୟାଳୟ ସହିତ ମିଶାଇବାର ନିୟମ ରହିଛି । ତେଣୁ ଜଳେଶ୍ୱର ଗୋଷ୍ଠି ଶିକ୍ଷାଜିଲା ଅଧିନରେ ୨୦୨୦ ମସିହାରେ ଏପରି ୧୦ଟି ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା । ସେଥିମଧ୍ୟରୁ ନେତୁଆ ପଂଚାୟତର ପିରବାଗ ପ୍ରାଥମିକ ବିଦ୍ୟାଳୟ ଅନ୍ୟତମ । ପ୍ରକାଶଯୋଗ୍ୟ ଏହି ପଂଚାୟତର ୩ଟି ବିଦ୍ୟାଳୟ ସରକାରଙ୍କ ନିୟମ ଅନୁସାରେ ବନ୍ଦ ହୋଇ ଯାଇଥିଲା । ପିରବାଗ, ବେଲବାରିଆ ଓ ପରିବାଗ ଆଦିବାସୀ ସାହିକୁ ନେଇ ଏହି ବିଦ୍ୟାଳୟ ଗଢିଉଠିଥିଲା । ସେଠାରେ ପରିବାର ସଂଖ୍ୟା ୧୦୫ ଥିବା ବେଳେ ଜନସଂଖ୍ୟା ୫୫୪ ଅଟେ । ଏହି ଗାଁର ଉତ୍ତରପଟେ ପଶ୍ଚିମବଂଗ, ଅନ୍ୟ ୩ ଦିଗରେ ଖାଲ ଘେରି ରହିଥିବାରୁ ଛାତ୍ରଛାତ୍ରୀମାନେ ନିକଟସ୍ଥ ଆଡିନଗା କିମ୍ବା ନେତୁଆ ଗାଁକୁ ଯାତାୟାତ କରି ଶିକ୍ଷାଲାଭ କରିବା ସମ୍ଭବ ହୋଇ ପାରୁନାହିଁ । ଗତ ୩ବର୍ଷରେ ଏହି ଗାଁର ୪୫ଜଣ ଛାତ୍ରଛାତ୍ରୀ ପାଠପଢାରୁ ବଂଚିତ ହୋଇଥିବା ଗ୍ରାମ୍ୟମୁଖ୍ୟ କୃଷ୍ଣ ପ୍ରସାଦ ଜେନା ସୂଚନା ଦେଇଛନ୍ତି । ପ୍ରକୃତିକ ପ୍ରତିବନ୍ଧକ ଥିବା ହେତୁ ଏହି ବିଦ୍ୟାଳୟକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ କୃଷ୍ଣପ୍ରସାଦ ଜେନା, ବ୍ରଜକୁମାର କର, ହରିହର ବେହେରା,ଅଜୟ କୁମାର ପାଳ, ବୈକୁଣ୍ଠ ବେହେରା, ମନୋରଂଜନ ଜେନା, ରବିନ୍ଦ୍ର ବେହେରା, ଅଜୟ କର, ହରେନ୍ଦ୍ର ଦାସ, ରଥ ହାଁସଦା, ଚଣ୍ଡି ମାରାଣ୍ଡି ପ୍ରମୁଖ ଲିଖିତଭାବେ ଜଳେଶ୍ୱର ବିଇଓ, ବିଡିଓ, ବାଲେଶ୍ୱର ଜିଲାପାଳ ଓ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରକୁ ଜଣାଇଛନ୍ତି ।

# କଳା ଦହନା ଆଭାସୀ ଜରିଆରେ ନୂଆଁଖାଇ ଉପରେ ଅନୁଶୀଳନ

ବରଗଡ,୨୨/୯(ନି.ପ୍ର): କଟାପାଲି ସ୍ଥିତ କଳା ଦହନା ସାଂସ୍କୃତିକ ଅନୁଷ୍ଠାନ ର ସମ୍ପାଦକ ଶ୍ରୀ ଦିନେଶ ଭଉଣୀ ଙ୍କ ସମ୍ପାଦନାରେ ତେତିଶ ତମ ଆଭାସୀ ସାହିତ୍ୟ ଆସର ଜରିଆରେ ଗତକାଲି ସନ୍ଧ୍ୟା ଛ ଟା ତିରିଶ ମିନିଟ୍ ରୁ ରାତ୍ରି ସାଢେ ଆଠଟା ପର୍ଯ୍ୟନ୍ତ 'ପଶ୍ଚିମ ଓଡିଶାର ନୂଆଁଖାଇ ଏକ ଅନୁଶୀଳନ' ଉପରେ ଆଲୋଚନା କରାଯାଇଥିଲା। ଆସରରେ ସମସ୍ତ ବିଶ୍ୱ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ, ଲେଖକ, ଗବେଷକ ମାନେ ମଧ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ବ୍ରଜମୋହନ ମେହେର(ଓଡ଼ିଆ ଅଧାପକ) ଓ ସମ୍ମାନିତ ବକ୍ତା ସିଦ୍ଧାନ୍ତ କୁମାର ଦାଶ (ଓଡ଼ିଆ ଅଧାପକ) ଓ ସଭାପତିତ୍ୱ କରିଥିଲେ ଜଟାଧାରୀ ପ୍ରଧାନ । ଆସରରେ ମୁଖ୍ୟ ବକ୍ତାଙ୍କ ସମେତ ଯଏନ୍ ହେଇଥିବା ସମସ୍ତ ଶ୍ରୋତା ମାନେ ମଧ ତାଙ୍କ ଅଭିଜ୍ଞତାରୁ ନୂଆଁଖାଇ ଉପରେ ବେଶ୍ ଆଲୋକପାତ କରିଥିଲେ । କବି ହେମନ୍ତ ଦିପ ମଧ ନୂଆଁଖାଇ ଉପରେ ସବିଶେଷ ମତ ଉପସ୍ଥାପନା କରିଥିଲେ ଏବଂ ପୁରୁଣା ସ୍ମୃତି ଗୁଡାକୁ ପୁନରାବୃତ୍ତି କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କବୟିତ୍ରୀ ଭାରତୀ ଲେଙ୍କା ଏବଂ ଆଲୋକ ନାଗ । ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଫାଲଗୁନୀ ରଣା ଏବଂ ସଭାପତିଙ୍କ ସଂକ୍ଷିପ୍ତ ବକ୍ତବ୍ୟ ଦ୍ୱାରା ଆସରକୁ ବିରାମ ଦିଆଯାଇଥିଲା । ଆସର ରେ ଯଏନ୍ ହେଇଥିବା ସମସ୍ତ ଛାତ୍ର ଛାତ୍ରୀ ଏବଂ ଅଧାପକ ମଣ୍ଡଳୀ ଗଣ କଳା ଦହନାର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ନୂଆଁଖାଇ ଉପରେ ବିଶେଷ ତଥ୍ୟ ପାଇ ନିଜକୁ କୃତାର୍ଥ ମଣିଥିଲେ ବୋଲି ସୂଚନା ମିଳିଛି ।

# ସମିତି ସଭ୍ୟ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଭଦ୍ରକ,୨୨/୯(ନି.ପ୍ର): ଏହି ଜିଲାର ବନ୍ତ ବ୍ଲକ ସମିତି ସଭ୍ୟ ସଂଘ ପକ୍ଷରୁ ବିଡିଓ ପ୍ରଦୀପ କୁମାର ସେଠୀଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ତ୍ରିସ୍ତରୀୟ ପ ।ୟତରାଜ ବ୍ୟବସ୍ଥାରେ ସରକାରୀ ଅବହେଳାର ସମ୍ମୁଖୀନ ହେଉଥିବା ସମିତି ସଭ୍ୟମାନେ ପ ।ୟତ ସମିତି ଅଧକ୍ଷ ଗଠନ ପରେ ଅଲୋଡ଼ା ହୋଇଯାଇଛନ୍ତି। ଏପରିକି ସରପ ପରି ସମିତି ସଭ୍ୟ ମାନେ ନିର୍ବାଚନରେ ସିଧାସଳଖ ନିର୍ବାଚିତ ହେଉଥିଲେ ମଧ୍ୟ ସେମାନଙ୍କୁ ପ ।ୟତ କିମ୍ବା ପ ।ୟତ ସମିତିରେ କୌଣସି ଗୁରୁତ୍ୱ ଦେଇ ନଥିବାରୁ ସମିତି ସଭ୍ୟମାନେ ସେମାନଙ୍କର ସାମ୍ବିଧାନିକ ସୁବିଧା ପାଇବା ପାଇଁ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି।ଏନେଇ ବିଭିନ୍ନ ସମୟରେ ସମିତି ସଭ୍ୟମାନେ ଲଢ଼େଇ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବନ୍ତ ବ୍ଲକ ସମିତି ସଭ୍ୟମାନେ ବିଭିନ୍ନ ଦାବି ନେଇ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ବନ୍ତ ବ୍ଲକ ଅଧକ୍ଷ ତଥା ଗୋପିନାଥପୁର ସମିତି ସଭ୍ୟ ମନୋରଞ୍ଜନ ଘଡ଼େଇ,ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ମହାନ୍ତିପଡ଼ା ସମିତି ସଭ୍ୟ ନିର୍ମଳ ନାୟକ, ଛୟାଳସିଂ ସମିତି ସଭ୍ୟା ନିରୁପମା ରାଉତ, ଓଡ଼ଙ୍ଗ ସମିତି ସଭ୍ୟା ରଜନୀ ଜେନା,ନିଳୋକ ସମିତି ସଭ୍ୟ ଉଦ୍ଧବ ସେଠୀ, ଗୋବିନ୍ଦପୁର ସମିତି ସଭ୍ୟା ନୀଳିମା ଖଟୁଆ, ପ୍ରଧାନପଡ଼ା ସବିହା ଖାତୁନ, ବିଟିପୁର ସମିତି ସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ଘରିଗାଁ ସମିତି ସଭ୍ୟ ଧରଣୀ ଧର କର, କାଦବରାଙ୍ଗ ସମିତି ସଭ୍ୟା ଦୀପାରାଣୀ ଜେନା, ରାମପୁର ସମିତି ସଭ୍ୟା କୁନି ମୁଣ୍ଡା, ଟିଳୋ ସମିତି ସଭ୍ୟା ସୁଜାତା ସେଠୀ, ବଡ଼ମହିଷଗୋଡ ସମିତି ସଭ୍ୟା ପଦ୍ମାବତୀ ନାଥ ଶର୍ମାଙ୍କ ସହ ୨୫ଟି ପ ।ୟତର ସମିତି ସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୨୮ରେ ବାରିପଦାର ସହିଦ ସ୍ମୃତି ଭବନରେ ନିଯୁକ୍ତି ମେଳା

## ମେଳାରେ ୨୦ରୁ ଉର୍ଦ୍ଧ୍ୱ କମ୍ପାନୀ ଯୋଗଦେଇ ପିଲା ଚୟନ କରିବେ




ବାରିପଦା,୨୨/୯(ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୮ତାରିଖରେ ବାରିପଦାର ସହିଦ ସ୍ମୃତି ଭବନ ଠାରେ ଟିଏସପିଏଲ ଗ୍ରୁପ ପୁନେ ଏବଂ ଏସଏସବି ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ମୟୂରଭଞ୍ଜ ର ମିଳିତ ଆନୁକୂଲ୍ୟରେ ଏକ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେବ ଏବଂ ଏହି ନିଯୁକ୍ତି ମେଳାରେ ୨୦ରୁ ଉର୍ଦ୍ଧ୍ୱ କମ୍ପାନୀ ଯୋଗଦେଇ ଯୋଗ୍ୟତା ଅନୁସାରେ ପିଲା ଚୟନ କରିବେ ବୋଲି ଆଜି ବାରିପଦା ରୋଟାରୀ କ୍ଲବ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟିଏସପିଏଲ ଗ୍ରୁପର ନିର୍ଦ୍ଦେଶକ କୃପାନିଧି ମିଶ୍ର ଏବଂ ଏସଏସବି ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ର ନିର୍ଦ୍ଦେଶକ କମଳେନ୍ଦୁ ଲାଲ ମହାନ୍ତ ସୂଚନା ପ୍ରଦାନ କରିଛନ୍ତି. ଅନ୍ୟ ମାନଙ୍କ ମଧରେ କାର୍ଯ୍ୟକ୍ରମ ସଂଯୋଜକ ବିଜୟଲକ୍ଷ୍ମୀ ନାୟକ, ସହ-କାର୍ଯ୍ୟକ୍ରମ ସଂଯୋଜକ ସୁମିତ୍ରା ଚୌବେ, କ୍ଷେତ୍ର ସଂଯୋଜକ ଶିବ ରାମ ମହାପାତ୍ର ଏବଂ ଅନିଲ କୁମାର ମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଆଶିଷ କୁମାର ବିସନ୍ତିଆ ମଧ ସଭାରେ ଉପସ୍ଥିତ ଥିଲେ.

# ଚାରିଦଫା ଦାବି ପୂରଣ ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଂଚର ଆମରଣ ଅନଶନ




ବାଲିଆପାଳ,୨୨/୯(ନି.ପ୍ର): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନା(୫ଟି ) ରେ ସାମିଲ କରିବା ,ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆନୁଷଙ୍ଗିକ ଉପକରଣ ଯୋଗାଇବା ଓ ମହା ପ୍ରୟାଣ ଯୋଜନାରେ ସାମିଲ କରାଯାଇ ନିଶୁଳ୍କ ଶବ ପରିବହନ ଯାନକୁ ଉପଲବ୍ଧ କରାଇବା ଆଦି ଦାବି ନେଇ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଆମରଣ ଅନଶନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସିଛନ୍ତି। ସୂଚନାଯୋଗ୍ୟ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ପଡୋଶୀ ଭୋଗରାଇ, ଜଳେଶ୍ୱର, ବସ୍ତା ପଶ୍ଚିମ ବଙ୍ଗଳାର ଲୋକେ ନିର୍ଭର କରନ୍ତି।ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଲୋକେ ହଇ ରାଣ ହରକତ ହେଉଛନ୍ତି, ଗରିବ ମଧ ବିତ୍ତ ଲୋକ ଅଧିକ ଖର୍ଚ୍ଚ କରି ବାଲେଶ୍ୱର ଓ ଅନ୍ୟତ୍ର ଯିବାକୁ ବାଧ ହେଉଛନ୍ତି। ମଞ୍ଚ ତହସିଲଦାର, ବିଡ଼ିଓ, ଥାନାଧିକାରୀ,ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କୁ ଗତ ୧୩ ତାରିଖ ଦିନ ଜଣାଇଲେ।ଏହି ଅନଶନରେ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି , ସଦସ୍ୟ ବିକ୍ରମ କେଶରୀ ଦେ,ପ୍ରଦୀପ କୁମାର ଜେନା, ଦେବାଶିଷ ପାତ୍ର, ରାଧାକୃଷ୍ଣ ଦାସ ମହାପାତ୍ର,ଜୟ କୃଷ୍ଣ ଗଂଗାଇ, ଗୌତମ ପରିଡା ପ୍ରମୁଖ ବସିଛନ୍ତି ।ଅନଶନ ସ୍ଥଳୀକୁ ଭାଜପା ନେତା ଅଜୟ କୁମାର ସାହୁ, ବାଲିଆପାଳ ଡ୍ରାଇଭର ସଂଘର ଜୟକୃଷ୍ଣ ଗଂଗାଇ, ବରିଷ୍ଠ ନାଗରିକ ପରିଷଦର ନାରାୟଣ ପ୍ରସାଦ ସାହୁ, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ବୀର ମାଧବ ଦାସ, ପୂର୍ବତନ ସରପଞ୍ଚ ବେଣୁଧର ଜେନା, ପୂର୍ବତନ ସୈନିକ ସଂଗଠନର କମ ଲୋଚନ ପିଳା ପ୍ରମୁଖ ଉପସ୍ଥିତ ରହି ଅନଶନକାରୀଙ୍କୁ ଉତ୍ସାହିତ କରିଥିଲେ। ଅନଶନ କାରୀ ମାନେ ପ୍ରାରମ୍ଭରେ ବାଲିଆପାଳ ଜଗନ୍ନାଥ ମନ୍ଦିରରୁ ଏକ ମଟର ସାଇକେଲ ରାଲିରେ ବାହାରି ଘଟଣା ସ୍ଥଳରେ ପହଞ୍ଚି ଅନଶନ ଆରମ୍ଭ କରିଥିଲେ। ପ୍ରଶାସନ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ଅରୂପ କୁମାର ଦାସ ଅନଶନକାରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ମଧ ଘଟଣା ସ୍ଥଳୀକୁ ଆସି ଥିଲେ। ତେବେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଅନଶନ ଜାରୀ ରହିବ ବୋଲି ଆବାହକ ଶ୍ରୀ ମହାନ୍ତି କହିଛନ୍ତି।

# ଜଳେଶ୍ୱର ପୌରପରିଷଦରେ ସଫେଇ କାର୍ଯ୍ୟରେ ଦୁର୍ନୀତି : କଂଗ୍ରେସର ସ୍ମାରକପତ୍ର

ଜଳେଶ୍ୱର,୨୨/୯(ନି.ପ୍ର): ଜଳେଶ୍ୱର ପୌରପରିଷଦରେ ପରିଛନ୍ନତାଲାଗି ଓ ଅନ୍ୟ ୪ଟି ଦାବି ନେଇ ଆଜି କଂଗ୍ରେସ ପୌରପରିଷଦ କାର୍ଯ୍ୟକାରୀ ଅଧିକାରୀଙ୍କ ସହ ସାକ୍ଷାତ ଓ ହେଉଥିବା ଦୁର୍ନିତର ସୁଧାର ଲାଗି ଲିଖିତଭାବେ ଜଣାଇଛନ୍ତି । ୧୭ଟି ୱାଡର ସଫେଇଲାଗି ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥା ନିଯୁକ୍ତ ହୋଇଛି । ଚୁକ୍ତି ଅନୁଯାୟୀ ୮୫ଜଣ ଶ୍ରମିକ କିମ୍ବା ଝାଡୁଦାର ରାସ୍ତାଘାଟ ସଫେଇ, ନାଳନର୍ଦ୍ଦମା ସଫା ଓ କଠିନ ବର୍ଜ୍ୟବସ୍ତୁ ପରିବହନ କରିବା ନିୟମ ରହିଛି । କିନ୍ତୁ ଆବଶ୍ୟକ ସଂଖ୍ୟକ ଶ୍ରମିକ ଓ ଗାଡି ବ୍ୟବହାର ହେଉନଥିବା ଅଭିଯୋଗ ହୋଇଛି । ସରକାର ପ୍ରତ୍ୟେକ ଶ୍ରମିକଙ୍କ ଲାଗି ୩୪୫ ଟଙ୍କା ଏବଂ ଝାଡୁଦାରଙ୍କ ଲାଗି ୨୮୪ ଟଙ୍କା ପ୍ରତିଦିନ ଦେବାକୁ ନିର୍ଦ୍ଦେଶ ଥିବା ବେଳେ ତାହା ହେଉନଥିବା ସେମାନେ ଦର୍ଶାଇଛନ୍ତି । ପୁଣି ଶ୍ରମିକମାନେ ନିର୍ଦ୍ଦିଷ୍ଟ ସମୟରେ ପାରିଶ୍ରମିକ ପାଉନଥିବା ଅଭିଯୋଗ ହୋଇଛି । ତେଣୁ ଏ ସବୁର ସନ୍ତୋଷ ଜନକ ଉତ୍ତର ନ ମିଳିଲେ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବ ବୋଲି ଟାଉନ ସଭାପତି ଗିରିଜା ଶଂକର ଦାସ, ଲକ୍ଷ୍ମିଧର ଗିରି, ସୌଭିକ କୁମାର ଜେନା ପ୍ରମୁଖ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo